## ସଂକ୍ଷେପରେ

### ଅଳକା କଲେଜରେ ଭଙ୍ଗାରୁଜା

**ବିରିଡି,୨୧।୮(ଡି.ଏନ.ଏ.):** ବିରିଡି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟରେ ବୁଧବାର କେତେଜଣ ଦୁର୍ବୃତ୍ତ ଅଧକ୍ଷଙ୍କ ପ୍ରକୋଷ୍ଠରେ ଜୋରଜବରଦସ୍ତ ପଶି ଚେୟାର, ଟେବୁଲ ଓ ଆଲମିରା ଭଙ୍ଗାରୁଜା କରିଛନ୍ତି। ଏହି ସମୟରେ ଅଧକ୍ଷ ବନମାଳି ବେହେରା ଉପସ୍ଥିତ ନ ଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ କେତେଜଣ ବ୍ୟକ୍ତି ବାଇକ୍‌ରେ ଆସି ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରିଥିଲେ। ପରେ ଅଧକ୍ଷ ଘଟଣା ବାବଦରେ ଜଣିବା ପରେ ବିରିଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଏପରି ଘଟିଛି ତାହା ଜଣା ପଡ଼ିନାହିଁ।

### ନିୟମିତ ହେଲେ ୨୪ କନିଷ୍ଠ ଶିକ୍ଷକ

**ଆଳି, ୨୧।୮ (ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲାରେ କାର୍ଯ୍ୟରତ ୨୧୮ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ସେମାନଙ୍କ ମଧ୍ୟରେ ଆଳି ବ୍ଲକର ୨୪ କନିଷ୍ଠ ଶିକ୍ଷକ ଅଛନ୍ତି। ଏ ନେଇ ବୁଧବାର ଅପରାହ୍ନରେ ଆଳି ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ନିଯୁକ୍ତି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବିଆର୍‌ସିସି ପ୍ରଦୀପ୍ତ କୁମାର ରଥ,ଏବିଇଓ ପବନୀ କୁମାର ରାଉତ ପ୍ରମୁଖ ଯୋଗଦେଇ ୨୪ ଜଣଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣି ବିଧାନ କୁମାର ପରିଡା, କନିଷ୍ଠ କିରାଣୀ ଭାସ୍କର ଚନ୍ଦ୍ର ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ। ନିୟମିତ ହୋଇଥିବା ଶିକ୍ଷକମାନେ ହେଲେ ବୈକୁଣ୍ଠନାଥ ନାଥ ମଲିକ, ଚିନ୍ମୟୀ ଚୌଧୁରୀ, ଚୂଡ଼ାମଣି ମୁର୍ମୁ, ଦମୟନ୍ତୀ ସାହୁ, ଧରିତ୍ରୀ ଦାସ, ଗିରିଧାରୀ ମଲିକ, କାମଦେବ ବେହେରା, ଖାଲେଦା ବେଗମ, କୁନାମଣି ବେହେରା, ମମତା ମଲିକ, ମହମଦ ଓସିଉଲା, ମିର୍ଜା ଆଲିମ, ନିବେଦିତା ବେହେରା, ପର୍ଶୁରାମ ବେହେରା, ପ୍ରଭାସ ରଞ୍ଜନ ବେହୁରା, ରାଜଲକ୍ଷ୍ମୀ ମହାପାତ୍ର, ରୁବିଲତା ରାଉତ, ସଙ୍ଗିତା ଲେଙ୍କା, ସରସ୍ୱତୀ ମୁର୍ମୁ, ଶାନ୍ତିମୟୀ ମାଣିକ, ସେକ ଓସିଫ ହୋସେନ, ସୁବାସ ଚନ୍ଦ୍ର ମଲିକ ଓ ସ୍ୱର୍ଣ୍ଣମୟୀ ଦାଶ।

### ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ

**ବାଲିଆ,୨୧।୮:** ବିରିଡି ବ୍ଲକ ଅଧୀନ ବଟୀମିରା ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବିଦ୍ୟାମନ୍ଦିର ଉପସଭାପତି କେଦାରେଶ୍ୱର ରାଉତ, କୋଷାଧକ୍ଷ ମନୋରମା ବାରିକ, ସଙ୍କୁଳ ସଂଯୋଜକ ପ୍ରଭାକର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଧାକର ସ୍ୱାଇଁ, ସଙ୍କୁଳ ପ୍ରମୁଖ ଅଶୋକ ରାଉତରାୟ, ସଦସ୍ୟ ବିକ୍ରମ କଶୋର ଦାସ ଏବଂ ବଳରାମ ଦାସ ଯୋଗ ଦେଇଥିଲେ। ଗୁରୁଜୀ ମଧୁସୁଦନ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଜଗନ୍ନାଥପୁର ସଙ୍କୁଳରେ ଥିବା ୬ ବିଦ୍ୟାଳୟର ସମସ୍ତ ବିଷୟ ପ୍ରମୁଖମାନେ ଯୋଗଦେଇ ଦୈନ ଦିନ ପାଠ୍ୟଦାନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ବେହେରା, ସୁବାସିନୀ ମହାପାତ୍ର, ଅଜୟ ବିଶ୍ୱାଳ, ସରୋଜ କୁମାର ସାହୁ ଓ ଶ୍ରୀନିବାଶ କୁଣ୍ଡୁ ପରିଚାଳନା କରିଥିଲେ।

### ନାଟ୍ୟ ନିର୍ଦ୍ଦେଶକ ଅସୁସ୍ଥ

**ଏରସମା,୨୧।୮(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେଉଳୀ ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ତଥା ଶିକ୍ଷକନେତା ଲୋକନାଥ ମହାନ୍ତିଙ୍କ ଗୋଡ଼ ଅସ୍ତ୍ରୋପଚାର କରାଯାଇଥିବାରୁ ସେ ଅସୁସ୍ଥ ହୋଇପଡିଛନ୍ତି। ବୁଧବାର ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଛାୟତ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଲ, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁଙ୍କ ସମେତ ଏରସମା ଖବରଦାତା ସଂଘ ସଭାପତି ସୁଶୀଲ ମହାନ୍ତି, ସମ୍ପାଦକ ଦୀପ୍ତି ଖଣ୍ଡୁଆଳ, ଚନ୍ଦ୍ରଜିତ ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ଦାସ ଓ ସ୍ମୃତି ରଞ୍ଜନ ମହାନ୍ତି ପ୍ରମୁଖ ମହାନ୍ତିଙ୍କ ବାସ ଭବନରେ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଲାଇବ୍ରେରି ବହି କିଣା ପାଇଁ ଚାଲିଛି ଷଡ଼ଯନ୍ତ୍ର

- ପୁସ୍ତକ ପ୍ରକାଶକଙ୍କ ସହ ହୋଇଛି ଗୁପ୍ତ ବୁଝାମଣା
- ବିଦ୍ୟାଳୟ କର୍ତ୍ତୃପକ୍ଷ ପସନ୍ଦର ବହି କିଣିପାରିବେନି
- ପ୍ରତି ବ୍ଲକ ପଏଣ୍ଟରେ ପୁସ୍ତକ ପ୍ରସ୍ତୁତ

**ଜଗତ୍‌ସିଂହପୁର ଅଫିସ, ୨୧।୮**

ବିଦ୍ୟାଳୟ ଲାଇବ୍ରେରି ପାଇଁ ବହି କିଣା ବାବଦରେ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କ ପସନ୍ଦର ବହି କିଣି ରଖିପାରିବେ। ଯଦ୍ୱାରା ଛାତ୍ରୀଛାତ୍ରଙ୍କୁ ବହୁ ଶିକ୍ଷଣୀୟ ପୁସ୍ତକ ସହଜରେ ପଠନ ପାଇଁ ସୁଯୋଗ ମିଳିବ। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାକୁ ପାଖାପାଖି ୬୦ ଲକ୍ଷ ଟଙ୍କା ମିଳିଛି। ଅନୁଦାନ ରାଶି ମଧ୍ୟ ବିଦ୍ୟାଳୟ ଆକାଉଣ୍ଟକୁ ପଠାଇ ଦିଆଯାଇଛି। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ବହି ନ କିଣିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି। କେତେଜଣ ପୁସ୍ତକ ପ୍ରକାଶକଙ୍କ ସହ ବୁଝାମଣା କରାଯାଇ ପ୍ରତି ବ୍ଲକ ପଏଣ୍ଟରେ ପୁସ୍ତକ ଗଚ୍ଛିତ ରଖାଯାଇଥିବା କୁହାଯାଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଚେକ୍ ଦେଇ ସେମାନଙ୍କ ଲାଇବ୍ରେରି ପାଇଁ ବହି ନେବାକୁ ଚାପ ପ୍ରୟୋଗ କରାଯାଉଛି। ତେବେ କାହିଁକି ଏଭଳି ଚାପ ପଡୁଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି ପ୍ରକାଶକ ଏ ବାବଦରେ କୁଆଡେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କୁ କମିଶନ ଦେବେ। ଯେଉଁ କାରଣରୁ କେତେକ ସିଆର୍‌ସିସି, ବିଆର୍‌ସିସି ଆଦି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ବୁଝାଇଛନ୍ତି। ଯଦିଓ ଏ କଥାରେ ଅନେକ ବିଦ୍ୟାଳୟ କର୍ତ୍ତୃପକ୍ଷ ନାରାଜ ହେଉଛନ୍ତି ତଥାପି ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁନାହାନ୍ତି।

ସମଗ୍ର ଶିକ୍ଷା (ପଢେ ଭାରତ ବଢେ ଭାରତ)ରେ ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଲାଇବ୍ରେରୀ ବହି କିଣା ପାଇଁ ଓପେପା (ଓଡ଼ିଶା ପ୍ରାଇମେରୀ ଏଜୁକେଶନ ପ୍ରୋଗ୍ରାମ ଅଥରିଟି)ପକ୍ଷରୁ ୧୮।୨।୧୯ରେ ଅନୁଦାନ ଯୋଗାଇ ଦିଆଯାଇଛି। ଏଥିରେ ଉଲ୍ଲେଖ ଅଛି ୧ମରୁ ୮ମ ଓ ୯ମରୁ ୧୦ମ ଶ୍ରେଣୀ ଯାଏ ଥିବା ବିଦ୍ୟାଳୟଗୁଡ଼ିକୁ ୬.୯୮୦ ଟଙ୍କା ଲେଖାଏଁ, ୬ଷ୍ଠରୁ ୮ମ ୪,୯୮୦, ୧ମରୁ ୫ମ ୨,୯୮୦, ୬ଷ୍ଠରୁ ଦ୍ୱାଦଶ ୧୧,୯୮୦ ଓ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟଗୁଡ଼ିକୁ ୯,୯୮୦ ଟଙ୍କା ଅନୁଦାନ ରାଶି ଯୋଗାଇ ଦିଆଯାଇଛି। ଏହି ଅନୁଯାୟୀ ଜିଲାରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟଗୁଡ଼ିକ ପାଇଁ ପାଖାପାଖି ୪୦ ଲକ୍ଷ ଓ ଉଚ୍ଚ ବିଦ୍ୟାଳୟ ବାବଦରେ ପାଖାପାଖି ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏହି ବହି କିଣା ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଛି ଏନ୍‌ସିଇଆର୍‌ଟି, ଏନ୍‌ବିଟି, ରାଜ୍ୟ ସରକାର ପ୍ରକାଶନ (ସଂସ୍କୃତି ବିଭାଗ ଏବଂ ଅନ୍ୟ ବିଭାଗ ଦ୍ୱାରା) ଏବଂ ଏସ୍‌ସିଇଆର୍‌ଟି ପକ୍ଷରୁ ବୟସ ଅନୁସାରେ ପ୍ରକାଶ ପାଉଥିବା ପୁସ୍ତକ କିଣାଯାଇପାରେ। ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ଶାଖା ଏନ୍‌ସିସିଏଲ୍ (ନ୍ୟାଶନାଲ ସେଣ୍ଟର ଫର ଚିଲ୍‌ଡ୍ରେନ୍ସ ଲିଟରେଚର୍) ସହାୟତାରେ ବିଦ୍ୟାଳୟଗୁଡ଼ିକରେ ରିଡର୍ସ କ୍ଲବ୍ ପାଇଁ ପଦକ୍ଷେପ ନିଆଯିବ। ପ୍ରଥମ ବର୍ଷ ଲାଇବ୍ରେରି ଅନୁଦାନରେ କୌଣସି ମାଗାଜିନ୍ କିମ୍ବା ଖବରକାଗଜ କିଣାଯାଇ ପାରିବ ନାହିଁ। ବିଦ୍ୟାଳୟ ଟାଇମଟେବୁଲ୍‌ରେ ସପ୍ତାହରେ ୨ଟି ପିରିୟଡ୍ ରିଡିଂ ପିରିୟଡ ରଖାଯିବ। ଜଣେ ଶିକ୍ଷକ ଲାଇବ୍ରେରି ବହିର ଅତିରିକ୍ତ ଦାୟିତ୍ୱ ନେବେ। ଅର୍ଥାତ୍ ବହି ଦେବା ଓ ନେବା ଦାୟିତ୍ୱ ତୁଲାଇବେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରାଥମିକ ଓ ଜିଲା ଶିକ୍ଷା ଅଧିକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଏହି ନିର୍ଦ୍ଦେଶନାମା ପଠାଇଛନ୍ତି। ଏସବୁ ଆଗକୁ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ କହିବ। ପୁସ୍ତକ କିଣିବା ପାଇଁ ବିଦ୍ୟାଳୟ ଆକାଉଣ୍ଟକୁ ଅନୁଦାନ ପଠାଯାଇଥିଲେ ସୁଦ୍ଧା ବାସ୍ତବ ଲକ୍ଷ୍ୟ ପୂରଣ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ବହି ଯୋଗାଯିବା ସଂକ୍ରାନ୍ତରେ ସିଆର୍‌ସିସି ଓ ବିଆର୍‌ସିସିମାନେ ଉଦ୍ୟମ କରୁଛନ୍ତି। ସେମାନେ ଜିଲା ପ୍ରକଳ୍ପ ସଂଯୋଜକଙ୍କ ନାଁ ନେଇ ଏଭଳି ମନାଉଛନ୍ତି। ବାସ୍ତବରେ ବିଦ୍ୟାଳୟରେ ଯେଉଁସବୁ ବହି ଅଛି ତାକୁ ଛାଡି ଅନ୍ୟ କିଛି ବହି କିଣିବା ପାଇଁ ସେମାନେ ଚିନ୍ତା କରୁଛନ୍ତି। ଏବେ ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ବହି କିଣିଲେ ଲାଇବ୍ରେରିରେ ଥିବା ପୁରୁଣା ବହି ସହ ମିଶିଯିବାର ସମ୍ଭାବନା ରହିଛି। ଏହାସତ୍ତ୍ୱେ ସେମାନେ ସିଆର୍‌ସିସି, ବିଆର୍‌ସିସିଙ୍କ କଥାକୁ ଅବମାନନା କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। କାରଣ ଭବିଷ୍ୟତରେ ସେମାନଙ୍କୁ ଟାର୍ଗେଟ୍ କରାଯିବାର ଭୟ ରହିଛି। ନିକଟ ଅତୀତରେ ତିର୍ତ୍ତୋଲ ଅଞ୍ଚଳରେ ଅନୌପଚାରିକ ଭାବେ ଏକ ବୈଠକର ଆୟୋଜନ ହୋଇଥିଲା। ଏଥିରେ ବ୍ଲକର ଏକାଧିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସେମାନଙ୍କୁ କୁହାଯାଇଥିଲା ଡିପିସିଙ୍କ ନିଷ୍ପତ୍ତିପ୍ରକାରେ ପ୍ରକାଶକ ବ୍ଲକ ଅଞ୍ଚଳରେ ପୁସ୍ତକ ଗଚ୍ଛିତ କରି ରଖିଛନ୍ତି। କେବଳ ଚେକ୍ ଦେଇ ବହି ନେଇଯିବା କଥା। ଏହି ସମୟରେ କେତେଜଣ ପ୍ରଧାନଶିକ୍ଷକ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ ଚାପ ପଡିଥିବା କୁହାଯାଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସେମାନେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ବୟସ ଅନୁଯାୟୀ ବହି ଚୟନ କରିବ। ବହି ତାଲିକା ହେଲାପରେ ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ପରେ ବିଦ୍ୟାଳୟକୁ ସେମାନଙ୍କ ପସନ୍ଦର ବହି କିଣିବା ପାଇଁ ପରାମର୍ଶ ଦିଆଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନାଙ୍କୁ ପଚାରିବାରୁ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ରାଶି ପଠାଇ ଦିଆଯାଇଛି। କୌଣସି ପ୍ରକାଶକଙ୍କ ସହ ବୁଝାମଣା ହୋଇନାହିଁ। କେହି ଏପରି ଅଭିଯୋଗ ଆଣୁଥିଲେ ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ।

### ବିଭିନ୍ନ ବିଦ୍ୟାଳୟ ବୁଲିଲେ ଡିଇଓ ଗୋପାଳ ଜୀଉ ବିଦ୍ୟାଳୟ ସହକାରୀ ଶିକ୍ଷକଙ୍କୁ ନିଲମ୍ବିତ କଲେ

**ନାଉଗାଁ,୨୧।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ବୁଧବାର ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ (ଡିଇଓ) ପ୍ରତିଭା ମଞ୍ଜରୀ ଦାସ ଗସ୍ତ କରିଛନ୍ତି। ସେ ପ୍ରଥମେ ଗଜରାଜପୁରର ଗୋପାଳଜୀଉ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ମିନର୍ଭା ସେଠୀ, ରମ୍ୟାମୟୀ ସାହୁ ଓ ଉମାକାନ୍ତ ଆଚାର୍ଯ୍ୟ ନିୟମାନୁସାରେ ଲେଶନ ପ୍ଲାନ କରି ନ ଥିବା ଦେଖିଥିଲେ। ବିଦ୍ୟାଳୟର ପାଠପଢା, ସ୍ୱଚ୍ଛତା ଆଦି ବିଷୟରେ ଶିକ୍ଷାଧିକାରୀ ତଦନ୍ତ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ଶିକ୍ଷାଧିକାରୀ ବ୍ଲକ ଛାଡି ନ ଥିବା ବେଳେ ଗୋପାଳ ଜୀଉ ବିଦ୍ୟାଳୟ ସହକାରୀ ଶିକ୍ଷକ ଉମାକାନ୍ତଙ୍କ ନିଲମ୍ବନ ଆଦେଶ ଆସିଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ-୧୩୩୭/୨୧।୮।୧୯ରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ନିକଟକୁ ଉକ୍ତ ନିଲମ୍ବନ ଆଦେଶ ପଠାଯାଇଛି। କର୍ତ୍ତବ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବମାନନା ଓ ଲେଶନ ପ୍ଲାନ କରି ନ ଥିବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି। ତେବେ ଅନ୍ୟ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବିଦ୍ୟାମନ୍ଦିର ବିଜ୍ଞାନମେଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ପାରାଦୀପ,୨୧।୮(ସ୍ୱ.ପ୍ର.)**

ସ୍ଥାନୀୟ ନୂଆବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ୪୮୮ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଥିରୁ ୧୮୮ଜଣ ବିଜ୍ଞାନ ଭିତ୍ତିକ ପ୍ରକଳ୍ପମାନ ତିଆରି କରିଥିଲେ। ପ୍ରଦୂଷଣ ଓ ଚାରାରୋପଣ ସମ୍ପର୍କରେ ଅଧିକାଂଶ ଛାତ୍ରୀଛାତ୍ର ପ୍ରକଳ୍ପ ଦ୍ୱାରା ଦର୍ଶାଇଥିଲେ। ଉକ୍ତ ମେଳାରେ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ସମ୍ପାଦକ ଡା.ଦେବଦତ୍ତ ସାମନ୍ତରାୟ. ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ସେଠୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ପର୍କରେ କହିଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତା କର ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା ୪୮୦ ଯୁବତୀଯୁବକଙ୍କ ନାମ ପଞ୍ଜୀକୃତ

**ନାଉଗାଁ,୨୧।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓରମାସ ଏବଂ ଓଡ଼ିଶା ଜୀବିକା ମିଶନ ସହାୟତା ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଥିଲା। ମେଳାରେ ଜିଲା ପ୍ରକଳ୍ପ ଅଧିକାରୀ ସରୋଜକାନ୍ତ ମହାନ୍ତି, ଓରମାସର ସତ୍ୟସୁନ୍ଦର ଶିବରାମ ପଟେଲ, ପ୍ରଭାତ କୁମାର ଦାସ, ସୁଶାନ୍ତ ଜେନା, ବିଡିଓ ରଶ୍ମିରେଖା ମଲିକ ଓ ଏଲଏମର କୋର୍ଡିନେଟର ଦୀପକ ମହାନ୍ତି, ସ୍କିଲର ଜିଲା ସଂଯୋଜକ ପବିତ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଉପାସନା ଏଜୁକେଶନ ଟ୍ରଷ୍ଟ, ଭି-ମାର୍ଟ, ଜିଆରଜି ଏଜୁକେଶନ ଟ୍ରଷ୍ଟ, ନାଇସ କମ୍ପ୍ୟୁଟର, ବିଦ୍ୟା ଭାରତୀ ଆଦି ୧୬ କମ୍ପାନୀ ଯୋଗଦେଇ ମେଳାକୁ ଆସିଥିବା ଯୁବତୀଯୁବକଙ୍କୁ ନିଜ ନିଜର କମ୍ପାନୀ ବିଷୟରେ ଅବଗତ କରାଇଥିଲେ। ମୋଟ ୪୮୦ ଯୁବତୀଯୁବକ ନାମ ପଞ୍ଜୀକୃତ କରିଥିଲେ। ସେଥିରୁ ୪୧୨ଜଣଙ୍କୁ ତାଲିକା ଭୁକ୍ତ କରାଯାଇଥିଲା। ତାଲିକାଭୁକ୍ତ ଯୁବତୀଯୁବକଙ୍କୁ ବିଭିନ୍ନ କମ୍ପାନୀ ପକ୍ଷରୁ କାଉନସେଲିଂ କରାଯିବ। ସେମାନେ ଇଚ୍ଛା ଅନୁସାରେ ଯେଉଁ କମ୍ପାନୀ ବାଛିବେ ସେଠାରେ ତାଲିମ ପ୍ରଦାନ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ରବିନାରାୟଣ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

### ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

## ନଭେମ୍ବର ୬ରେ ବିଶାଳ ଚାଷୀ ସମାବେଶ

**ବାଲିଆ,୨୧।୮**

ବିରିଡି ବ୍ଲକ ଅଧୀନ ତେନ୍ତୁଲିଆ ସିଦ୍ଧବଟଠାରେ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ ଗୋଲେଖ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଆମଦେଶ କୃଷିପ୍ରଧାନ ହୋଇଥିବାବେଳେ ଚାଷୀଙ୍କ ପ୍ରତି ଘୋର ଅବହେଳା କରାଯାଉଛି। ଯେଉଁଥି ପାଇଁ ଦେଶରେ ସର୍ବାଧିକ ଚାଷୀ ଆତ୍ମହତ୍ୟା କରୁଥିବା ଅଭିଯୋଗ କରିଥିଲେ। ଚାଷୀ କ୍ଷତି ସହି ଆତ୍ମହତ୍ୟା କରୁଥିଲେ ମଧ୍ୟ ସେମାନଙ୍କ ପ୍ରତି କାହାରି ଆନ୍ତରିକତା ରହୁନାହିଁ। ୯ ବର୍ଷର ପୁରୁଣା ଏହି ସଙ୍ଗଠନ ସବୁବେଳେ ଚାଷୀଙ୍କ କଥା ସରକାରଙ୍କ ପାଖରେ ଉପସ୍ଥାପନ କରୁଛି। ଏହା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଆଗକୁ ଯଦି ଚାଷୀଙ୍କ ସମସ୍ୟା ସମାଧାନ ନ ହୁଏ ତେବେ ଆନ୍ଦୋଳନ ଜୋରଦାର ହେବବୋଲି କହିଥିଲେ। ସଙ୍ଗଠନ ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ, ନଭେମ୍ବର ୬ରେ ବରମୁଣ୍ଡା ପଡିଆରେ ଏକ ବିଶାଳ ଚାଷୀ ସମାବେଶ ହେବ। ଏହାକୁ ସଫଳ କରିବା ପାଇଁ ଅକ୍ଟୋବର ୨ରେ ସମସ୍ତ ଗ୍ରାମରୁ ଚାଷୀ ପ୍ରତିନିଧିଙ୍କୁ ନେଇ ଜିଲାସ୍ତରୀୟ କନଭେନସନ୍ କରାଯିବ। ଏଥିପାଇଁ ଏକ ପ୍ରଚାର କମିଟି ସହ ବିଭିନ୍ନ ଜୋନର ଆଲୋଚନା ହେବ। ବୈଠକରେ ସହ ସଂଯୋଜକ ଗୁଣନିଧି ସ୍ୱାଇଁ, ନାରାୟଣ ମୁଦୁଲି, ରମଣି ରଞ୍ଜନ ବେହେରା, ସୁବ୍ରତ ପାଣୀଗ୍ରାହି, ସଞ୍ଜୟ ଖଟେଇ, ପ୍ରଶନ୍ନ ରାଉଳ, ଲକ୍ଷ୍ମୀଧର ଖଟେଇ, ଦଶରଥ ବସ୍ତିଆ, ଶ୍ରୀଧର ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ସାମିଲ ହୋଇଥିବା ଚାଷୀ ଓ ସଙ୍ଗଠନ କର୍ମକର୍ତ୍ତା।

## ଅପହୃତ ଶିଶୁପୁତ୍ର ଉଦ୍ଧାର, ମହିଳା ଗିରଫ

**ପାରାଦୀପ,୨୧।୮(ସ୍ୱ.ପ୍ର.)**

ପାରାଦୀପ ମଡେଲ ଥାନା ଅନ୍ତର୍ଗତ ଲକ୍‌ପଡ଼ାରୁ ଗତ ୧୮ ତାରିଖରୁ ଅପହରଣ ହୋଇଥିବା ଏକ ୭୫ ଦିନର ଶିଶୁପୁତ୍ରକୁ ବୁଧବାର ପୋଲିସ ଉଦ୍ଧାର କରିଛି। ଏଥିସହିତ ଅପହରଣକାରୀ ମହିଳା ମାମିନା ସାହୁଙ୍କୁ ଗିରଫ କରିଛି। ଅପରାହ୍ନରେ ଶିଶୁପୁତ୍ରକୁ ଜିଲା ଶିଶୁ ମଙ୍ଗଳ ଅଧିକାରୀ (ସିଡବ୍ଲୁସି)ଙ୍କୁ ପୋଲିସ ହସ୍ତାନ୍ତର କରିଛି। ହେଲେ ପୋଲିସ ଶିଶୁକୁ ଉଦ୍ଧାର କରିବା ଘଟଣାରେ ସମ୍ପୂର୍ଣ୍ଣ ନୀରବ ରହିଛି। ପଚାରିଲେ ଉତ୍ତର ମିଳୁଛି ଏସ୍‌ପି ମନା କରିଛନ୍ତି। ଜଗତ୍‌ସିଂହପୁରରେ ଏସ୍‌ପି ସମସ୍ତ ସୂଚନା ଦେବେ। ଅପହରଣ ଘଟଣାଠାରୁ ଉଦ୍ଧାର ହେବା ପର୍ଯ୍ୟନ୍ତ ସମସ୍ତ ଘଟଣା ପ୍ରହେଳିକାପୂର୍ଣ୍ଣ ଭାବେ କରାଯାଉଛି। ୧୮ରେ ଶିଶୁ ଅପହରଣ ଅଭିଯୋଗ ହୋଇଥିଲା। ସେଦିନ ପୋଲିସ କିଛି ଅଭିଯୋଗ ହୋଇନାହିଁ ବୋଲି କହିଥିଲା। କିନ୍ତୁ ସେହି ୧୮ତାରିଖରେ ନଂ-୧୪୧/୧୯ରେ ମାମଲା ରୁଜୁ ହୋଇଥିଲା। ଅପହରଣକାରୀ ଶିଶୁକୁ ନେଇ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅନ୍ତର୍ଗତ ସୁନିନୀ ଗ୍ରାମର ସପନ ମାନ୍ନାଙ୍କ ଘରେ ରଖିଥିଲେ ବୋଲି ଜଣାପଡିଛି। ଶିଶୁପୁତ୍ରର ବାପା ହେଲେ ବାଲିକୁଦା ଥାନା ଅନ୍ତର୍ଗତ ତିତିରା ଗ୍ରାମର ଶତ୍ରୁଘନ ସାମଲ। ସେ ଗତ ୧୭ ତାରିଖରେ ଶିଶୁପୁତ୍ରକୁ ନେଇ ପାରାଦୀପ ବୁଲିବାକୁ ଆସିଥିଲେ। ଲକ୍‌ପଡ଼ାର କୃଷ୍ଣ ପୃଷ୍ଟି ତାଙ୍କର ସମ୍ପର୍କୀୟ ହୋଇଥିବାରୁ ତାଙ୍କ ଘରେ ଥିଲେ। ପୃଷ୍ଟିଙ୍କ ଘରେ କାମ କରୁଥିବା ମହିଳା ମାମିନା ଶିଶୁକୁ ନେଇ ଫେରାର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। କିନ୍ତୁ ଘଟଣା ପଛରେ ସମ୍ପତ୍ତି ଲୋଭ ଥିବା ଚର୍ଚ୍ଚା ହେଉଛି। ମାମିନା ମହାକାଳପଡ଼ାର ଯେଉଁ ସପନ ମାନ୍ନାଙ୍କ ଘରେ ରଖିଥିଲେ ତାଙ୍କ ସହ ସମ୍ପର୍କ ୩ ବର୍ଷ ତଳେ ବୋଲି କୁହାଯାଇଛି। ଏକ ଘରୋଇ ବସ୍‌ରେ ଯିବାବେଳେ ଉଭୟ ପରିଚିତ ହୋଇଥିଲା। ସେହି ସମ୍ପର୍କ ଆଧାରରେ ମହିଳାଙ୍କୁ ଶିଶୁ ସହ ଆଶ୍ରା ଦେଇଥିଲେ ବୋଲି ସପନ କହିଛନ୍ତି। ଏମିତି ଗୋଳମାଳିଆ କଥା ସବୁ ପକ୍ଷ ପ୍ରତିପକ୍ଷଙ୍କଠାରୁ ଶୁଣିବାକୁ ମିଳୁଛି। ସମସ୍ତ ଘଟଣାର ରହସ୍ୟ ଉନ୍ମୋଚନ ଯେଉଁ ପୋଲିସ କରିବା କଥା ସେ କୌଣସି ସୂଚନା ପ୍ରଦାନ କରୁନାହିଁ। ଫଳରେ ଏହି ଘଟଣା ରହସ୍ୟାବୃତ୍ତ ହୋଇଛି।

## ଲାବରେଟୋରି କେମିକାଲ ପାପୁଲିରେ ରଖି ଛାତ୍ର ଆହତ

**ବାଲିକୁଦା,୨୧।୮(ସ୍ୱ.ପ୍ର.)**

ବାଲିକୁଦା କଲେଜର ଲାବରେଟୋରି ପରୀକ୍ଷା ଗାରରେ ପରୀକ୍ଷା କରିବା ସମୟରେ କେମିକାଲ ହାତ ପାପୁଲିରେ ରଖି ଜଣେ ଛାତ୍ର ଆହତ ହୋଇଛନ୍ତି। ଏହାକୁ ନେଇ କଲେଜରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ବିଭାଗୀୟ ଡେମୋନେଷ୍ଟ୍ରେଟରଙ୍କ ଅସାବଧାନତା ପାଇଁ ଏଭଳି ଘଟିଛି ବୋଲି ସମ୍ପୃକ୍ତ ଛାତ୍ର ଅଭିଯୋଗ କରିଛନ୍ତି। ମାତ୍ର ଏହାକୁ ଖଣ୍ଡନ କରିଛନ୍ତି ସମ୍ପୃକ୍ତ ଡେମୋନେଷ୍ଟ୍ରେଟର ଓ ବିଭାଗୀୟ ଅଧ୍ୟାପକ। ବିଭାଗର ଅନ୍ୟମାନେ ମଧ୍ୟ ଏହାକୁ ଗୁରୁତର ସହ ନ ନେଇ ଏହା ଏକ ବଡ ଧରଣର ଘଟଣା ନୁହେଁ ବୋଲି କହିଛନ୍ତି। ସୂଚନାନୁଯାୟୀ ମଙ୍ଗଳବାର ରସାୟନ ବିଭାଗ ପରୀକ୍ଷାଗାରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ର କିଛି କେମିକାଲକୁ ପରୀକ୍ଷା ପାଇଁ ବାମହାତ ପାପୁଲିରେ ନେଇଥିଲେ। ଏହା ମଧ୍ୟ ପାପୁଲିରେ ନିଆ ଯିବା କଥା। ସେହି କେମିକାଲରେ ପରୀକ୍ଷାମୂଳକ ଭାବେ କିଛି ପାଣି ଦିଆଯାଇ ତାହାକୁ ଡାହାଣ ହାତ ବୃଦ୍ଧା ଆଙ୍ଗୁଳିରେ ଘସିବା କଥା। ଯେଉଁଥିରୁ କି ଆମୋନିଆ ଗ୍ୟାସର ଗନ୍ଧ ସୃଷ୍ଟି ହେବା ସହିତ ହାତକୁ ସାମାନ୍ୟ ଗରମ ଅନୁଭୂତ ହେବ। ହେଲେ ଛାତ୍ରଙ୍କ ହାତ ପାପୁଲି ଏହା ସଂସ୍ପର୍ଶରେ ଆସି ଫୋଟକା ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏପରି କି ସାର୍ କାହିଁକି ନିଜେ କରି ଦେଖେଇଲେ ନାହିଁ ବୋଲି ସେ ମଧ୍ୟ କହିବା ସହିତ ସିଧାସଳଖ ଡେମୋନେଷ୍ଟ୍ରେଟର ଉପରେ ଦୋଷ ଲଦିଛନ୍ତି। ଛାତ୍ର ଜଣଙ୍କ ଘଟଣା ସମୟରେ କଲେଜରେ କାହାରିକୁ କିଛି କହି ନ ଥିଲେ ବୋଲି ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ଯଦି ଅଧ୍ୟାପକମାନେ ଜାଣି ପାରିଥିଲେ ଏହାର ଚିକିତ୍ସା କରାଇ ଥାନ୍ତେ ବୋଲି ବୁଧବାର ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷ ଡ. ଅକ୍ଷୟ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଡେମୋନେଷ୍ଟ୍ରେଟର ଜୟନ୍ତ ପରିଡାଙ୍କୁ ପଚାରିବାରୁ ପିଲାଟି ହାତ ପାପୁଲିରେ ରଖିଥିବା କେମିକାଲକୁ ଅଧିକ ମାତ୍ରାରେ ଘଷି ଦେଇଥିବାରୁ ଏପରି ହୋଇଛି। ଏଥିରେ ସେଭଳି କିଛି କ୍ଷତି ହେବ ନାହିଁ। ଏହାକୁ ନେଇ ଅଯଥା ସମସ୍ୟା ସୃଷ୍ଟି କରାଯାଉଛି ବୋଲି କହିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବା ଘଟଣାକୁ ବିରୋଧ

## କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ସମ୍ମୁଖରେ ଧାରଣା

**ରଘୁନାଥପୁର,୨୧।୮(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତରେ ଅଗଷ୍ଟ ୧୫ ରେ ଅନ୍ୟାୟ ଭାବେ ଗ୍ରାମସଭା ହୋଇଥିଲା। ଏହାର ପରଦିନ ଜଣେ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବା ଘଟଣାକୁ ବିରୋଧ ବିରୋଧ କରାଯାଇଛି। ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ବୁଧବାର ଗ୍ରାମବାସୀଙ୍କ ପକ୍ଷରେ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହାର ନେତୃତ୍ୱ ନେଇଥିବା ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ମହାରଣା। ମହାରଣାଙ୍କ ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ୧୫ରେ ପତାକା ଉତ୍ତୋଳନ ପରେ ପଞ୍ଚାୟତରେ ଗ୍ରାମସଭା ପାଇଁ ଡିଙ୍ଗୁରା ଦିଆଯାଇଥିଲା। ତେବେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ବାହ୍ନ ୧୦ଟାରେ କାର୍ଯ୍ୟାଳୟ ବନ୍ଦ କରି ଚାଲିଯିବା ଏବଂ ଜିଲାପାଳଙ୍କୁ ଅଭିଯୋଗ କରାଯିବା ପରେ ପୁନର୍ବାର ଆସି ଖୋଲିଥିଲେ। ଯଦ୍ୱାରା ପଞ୍ଚାୟତବାସୀ ଅଫିସ ବନ୍ଦ ଥିବା ଦେଖି ଚାଲିଯିବାରୁ ବିଭିନ୍ନ ପ୍ରସ୍ତାବ ଗ୍ରାମସଭାରେ ଲିପିବଦ୍ଧ ହୋଇପାରିଲାନାହିଁ।


ବିଡିଓଙ୍କ ସହ ଆନ୍ଦୋଳନକାରୀ ଆଲୋଚନା କରୁଛନ୍ତି।

ସେହିପରି ଅଗଷ୍ଟ ୧୬ରେ ଜଣେ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ତାଲା ପକାଇ ଦେଇଥିଲେ। ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସି ଫେରିବା ପରେ ଏ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ଏହାଛଡା ବିଡିଓଙ୍କୁ ଏ ସମ୍ପର୍କରେ ଜଣାଯାଇଥିଲେ ବି ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ କି ଥାନାରେ ଏତଲା ଦିଆଗଲାନାହିଁ । ସେହିପରି ସରକାରୀ ଗୃହ ତାଲିକା ପ୍ରସ୍ତୁତିରେ ପଞ୍ଚାୟତ ଜିଆର୍‌ଏସ୍‌ଙ୍କ ଚଞ୍ଚକତା ଓ ନିଜ ପରିବାର ଲୋକଙ୍କ ପାଇଁ ଅନେକ ସରକାରୀ ସୁବିଧା ହାତେଇ ନେଇଥିବା ସମ୍ପର୍କରେ ମହାରଣା ସଙ୍ଗିନ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ବିଭିନ୍ନ ତଥ୍ୟ ମଧ୍ୟ ବିଡିଓଙ୍କ ଦୃଷ୍ଟିକୁ ଆଣିଥିଲେ। ରାଢଙ୍ଗ ପଞ୍ଚାୟତରେ ଅଗଣତାନ୍ତ୍ରିକ ଭାବେ ସରକାରୀ କର୍ମଚାରୀଙ୍କୁ ହାତ କରି ପୋଖରୀ କାର୍ଯ୍ୟଠାରୁ ନିଜ ଘରକୁ କଂକ୍ରିଟ ରାସ୍ତା କରାଇ ନେଉଥିବା ବେଳେ ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ ବିଡିଓଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ପ୍ରତାପ ନାୟକ ଓ ଚନ୍ଦ୍ରଶେଖର ରାଉତ ଅଭିଯୋଗ କରିଛନ୍ତି। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଧାରଣାକାରୀ ଜିଦ୍ ଧରିଥିଲେ। ବିଡିଓ ପଞ୍ଚାନନ ପଟାୟତ ଧାରଣାକାରୀଙ୍କୁ ଡାକି ସମସ୍ତ ଅଭିଯୋଗ ଶୁଣିଥିଲେ। ସେପ୍ଟେମ୍ବର ୬ ମଧ୍ୟରେ ଗ୍ରାମସଭା ସମ୍ପର୍କରେ ତଦନ୍ତ, ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା ବ୍ୟକ୍ତିଙ୍କୁ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ସମ୍ପୃକ୍ତ ପଞ୍ଚାୟତକୁ ଏକ ଟିମ୍ ପଠାଇ ବିଭିନ୍ନ କାର୍ଯ୍ୟ, ସରକାରୀ ଗୃହର ଠିକ୍ ଯାଞ୍ଚ, ଏହାଛଡା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଆରଏସ୍‌ଙ୍କୁ ସ୍ଥାନାନ୍ତର କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୧୯ Bhubaneswar, Thursday, August 22/2019




## ଖଣି ପ୍ରଭାବିତ ଅଞ୍ଚଳରେ ମେଗା ଜଳଯୋଗାଣ ପ୍ରକଳ୍ପ ବାଟବଣା

# ତ୍ରୁଟି ସୁଧାରିବାକୁ ତାଗିଦ୍

**ଯାଜପୁର ଅଫିସ,୨୧।୮**

ଯାଜପୁର ଜିଲା ସୁକିନ୍ଦା ବ୍ଲକର ଖଣି ପ୍ରଭାବିତ ଅଞ୍ଚଳରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ନିର୍ମାଣାଧିନ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ଏଥିରେ ବ୍ୟାପକ ଅନିୟମିତତା ହେବା ସହିତ ବିଭାଗୀୟ ତଦାରଖ ଠିକ୍ ଭାବେ ହୋଇ ପାରିନାହିଁ। ଦାୟିତ୍ୱରେ ଥିବା ଠିକାସଂସ୍ଥା ନାଗାର୍ଜୁନ କନ୍ଷ୍ଟ୍ରକ୍ସନ କମ୍ପାନୀ ଲିଃ(ଏନ୍ସିସି) କୌଣସି ନୀତିନିୟମକୁ ନ ମାନି କାର୍ଯ୍ୟ କରୁଛି। ଏପରିକି ମାଟି ଉପରେ ପାଇପ ବିଛାଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ କରିବାକୁ ଉଦ୍ୟମ ହେଉଛି। ଅଥରିଟି ଇଞ୍ଜିନିୟର୍ସ(ଯନ୍ତ୍ରୀ ପ୍ରାଧିକରଣ) ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳରେ ହେଉଥିବା ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ଉପରେ ନୀରିକ୍ଷଣ ଓ ତଦନ୍ତରେ ଏହା ଜଣାପଡିଛି। ଏହି ମର୍ମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲୁଏସ୍ଏସ୍) କଟକ ସର୍କଲ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଥରିଟି ଇଞ୍ଜିନିୟରର ତଦନ୍ତ ରିପୋର୍ଟ ସହ ପରାମର୍ଶ ଓ ପରିଶୋଧନ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ(ଇଞ୍ଜିନିୟର ଇନ୍ ଚିଫ୍) ଗତ ୨ଦିନ ତଳେ ସୂଚନା ଦେଇଛନ୍ତି। ଉକ୍ତ ସୂଚନା ପତ୍ରରେ ଏନ୍ସିସି ଠିକାସଂସ୍ଥାକୁ ତ୍ରୁଟି ସୁଧାରିବା ସହ ଅଧିକ ଯତ୍ନଶୀଳ ହେବାକୁ ତାଗିଦ କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିରୁ ଡିଏମ୍ଏଫ୍ ପାଣ୍ଠିର କୋଟି କୋଟି ଟଙ୍କା କିଭଳି ଭାବରେ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଚଳୁ କରିବାକୁ ମସୁଧା ଚଳାଇଛନ୍ତି ତାହା ଜଳଜଳ ହୋଇ ବାରି ହୋଇପଡୁଛି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ମୁଖ୍ୟ ଖଣି ଗ୍ରାମଠାରୁ ୧୦ କି.ମି. ପରିଧି ମଧ୍ୟରେ ଥିବା ସମସ୍ତ ଗ୍ରାମକୁ ପାଇପ ଯୋଗେ ଜଳଯୋଗାଣ କରିବାକୁ ଡିଏମ୍ଏଫ୍ ପାଣ୍ଠିରୁ ୨୨୫କୋଟି ଟଙ୍କା ମଞ୍ଜୁର ହୋଇଛି। ବ୍ରାହ୍ମଣୀ ନଦୀର ଢେଙ୍କାନାଳ ଜିଲା ଭୁବନ ବ୍ଲକର ପ୍ରହରାଜପୁର(ମଣିପୁର) ନିକଟରେ ଏହି ପ୍ରକଳ୍ପ ନିର୍ମାଣାଧିନ ଅବସ୍ଥାରେ ରହିଛି। ସମ୍ପ୍ରତି ରହାଁସୋଲରୁ ମଙ୍ଗଳପୁର ଓ ବାମ୍ପିଲୋରୁ କୁନିନ୍ଦା ପର୍ଯ୍ୟନ୍ତ ପାଇପ ବିଛା କାର୍ଯ୍ୟ ମଧ ଚାଲିଛି। ଏହି ପ୍ରକଳ୍ପ ଜରିଆରେ ସୁକିନ୍ଦା ବ୍ଲକର ଦୁଧୁଯୋରୀ, କୁହିକା, କାଙ୍କଡ଼ପାଳ, ରାହାଁସୋଲ, ଚିଙ୍ଗୁଡିପାଳ, କାଳିଆପାଣି ଓ ପିମ୍ପୁଡିଆ ପଞ୍ଚାୟତର ପ୍ରାୟ ୩୦ଟି ଗ୍ରାମକୁ ଜଳଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାବେଳେ ନିର୍ଦ୍ଧାରିତ ଅଟକଳ ଅନୁସାରେ କାର୍ଯ୍ୟ ହେଉ ନାହିଁ। ଯାହାକି ଅଥରିଟି ଇଞ୍ଜିନିୟର ପକ୍ଷରୁ ଗତ ଜୁଲାଇ ମାସରେ ସୁକିନ୍ଦା ପ୍ରକଳ୍ପର ନୀରିକ୍ଷଣ ରିପୋର୍ଟରୁ ଜଣାପଡ଼ିଛି। ଯାଜପୁର ଡିଭିଜନ ପକ୍ଷରୁ ହେଉଥିବା ସୁକିନ୍ଦା ପ୍ରକଳ୍ପରେ ଶ୍ରମିକମାନେ ବିନା ସୁରକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ନୀରିକ୍ଷଣ ବେଳେ ଜଣାପଡ଼ିଥିଲା। ଏପରି କି ଗୋଟିଏ ଖାତ(ଟ୍ରେଞ୍ଚ୍)ରେ ଏକାଧିକ ପାଇପ ବିଛାଯାଇଛି। ଖାତର ଗଭୀରତା ଜଳଯୋଗାଣ ମାନୁଆଲକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ମାଟି ଉପରେ ପାଇପ ବିଛାଯାଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ ହେଉଛି। ତେଣୁ ଏହି ଅଭ୍ୟାସକୁ ବନ୍ଦ କରିବା ସହ ଆବଶ୍ୟକ ଗାଇଡଲାଇନ ଅନୁସାରେ ପାଇପ ବିଛାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଟନାଠାରେ ନିର୍ମାଣାଧିନ ଇଏସ୍ଆର ସ୍ତମ୍ଭରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ହୋଇନାହିଁ। ଯାହାକି ଏକ ଗୁରୁତର କ୍ଷତି। ତେଣୁ କଟକ ସର୍କଲ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଥରିଟି ଇଞ୍ଜିନିୟର୍ସ ପ୍ରସ୍ତାବ ଦେଇଛି। ସମସ୍ତ ନିର୍ମାଣ ସାମଗ୍ରୀ ପରୀକ୍ଷା କରି ବ୍ୟବହାର କରିବା କଥା, ଯାହାକି ହେଉ ନାହିଁ। ସେହିପରି ବ୍ୟବହାର ହେଉଥିବା ପଥର ସାମଗ୍ରୀ ଗାଇଡ ଲାଇନ ଅନୁସାରେ ସଂଗ୍ରହ କରାଯାଇ ନାହିଁ ବୋଲି ଅଥରିଟି ପକ୍ଷରୁ ନୀରିକ୍ଷଣ ବେଳେ ଜଣାପଡିଛି। ତେଣୁ ତୁରନ୍ତ ଏହିସବୁ ତ୍ରୁଟି ସୁଧାରିବା ସହ ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଥରିଟି ଇଞ୍ଜିନିୟର୍ସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲୁଏସ୍ଏସ୍ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରେ ସେ କହିଛନ୍ତି ସମ୍ପୃକ୍ତ ପ୍ରକଳ୍ପର ଦେଖାରେଖା କରିବାକୁ ଆବଶ୍ୟକ ଯନ୍ତ୍ରୀ ନାହାଁନ୍ତି। ଜଣେ ଏସ୍ଡିଓଙ୍କ ପକ୍ଷେ ଉପଯୁକ୍ତ ଭାବେ ନୀରିକ୍ଷଣ କରିବା ସମ୍ଭବ ହେଉନାହିଁ। ତଥାପି ଅଟରିଟି ଇଞ୍ଜିନିୟର୍ସଙ୍କ ପରାମର୍ଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଖଣି ପ୍ରଭାବିତ ଲୋକଙ୍କୁ ସ୍ୱଚ୍ଛ ଜଳ ଯୋଗାଇବାକୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ହେଁ ବିଭାଗୀୟ ଯନ୍ତ୍ରୀମାନେ ତାକୁ ଗୁରୁତର ସହ ନେଉ ନାହାନ୍ତି। ତେଣୁ ସମ୍ପୃକ୍ତ ଠିକାସଂସ୍ଥାର ମାନମାନି ବଢିବଢି ଚାଲିଛି ବୋଲି ମତପ୍ରକାଶ ପାଉଛି।



- ତଦାରଖରେ ଅବହେଳା, ନିମ୍ନମାନର କାର୍ଯ୍ୟ
- ମାଟି ଉପରେ ଚାଲିଛି ପାଇପ ବିଛା
- ଧରାପକାଇଲା ଅଥରିଟି ଇଞ୍ଜିନିୟର୍ସ ରିପୋର୍ଟ









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
-ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

ଅକ୍ଟୋବର ୨ରୁ ଥାନା, ଡାକ୍ତରଖାନାରେ ମୋ' ସରକାର

## ଦୁର୍ବଳ ପ୍ରଦର୍ଶନକାରୀ ଅଧିକାରୀଙ୍କୁ ବରଦାସ୍ତ କରାଯିବନି

**ଯାଜପୁର ଟାଉନ,୨୧।୮(ଡି.ଏନ.ଏ.):** ସରକାର ୫ଟିର ସୂତ୍ର ପ୍ରଣୟନ କରିବା ପରେ ଆଉ କୌଣସି କାର୍ଯ୍ୟ ବକେୟା ପଡ଼ି ରହିଛି ଶବ୍ଦ ଶୁଣାଯିବ ନାହିଁ। ଯେଉଁ ତହସିଲଗୁଡ଼ିକରେ କିଛି ବକେୟା କାର୍ଯ୍ୟ ପଡ଼ିଛି ତାକୁ ଯଥାଶୀଘ୍ର ସାରନ୍ତୁ। କୌଣସି କ୍ଷେତ୍ରରେ ଏଣିକି ଦୁର୍ବଳ ପ୍ରଦର୍ଶନକାରୀ ଅଧିକାରୀ ବା କର୍ମଚାରୀଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସ୍ପଷ୍ଟ କରିଛନ୍ତି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ରାଜସ୍ୱ ବିଭାଗର ମାସିକ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ କହିଥିଲେ ଅକ୍ଟୋବର ୨ ତାରିଖଠାରୁ ଥାନା ଓ ଡାକ୍ତରଖାନାରେ ମୋ ସରକାର ବ୍ୟବସ୍ଥା ଲାଗୁ କରିବାକୁ ସରକାର ବ୍ୟବସ୍ଥା କରିଛନ୍ତି। ତେବେ ଆମ ଜିଲାରେ ଥାନା, ଡାକ୍ତରଖାନା ସହ ବ୍ଲକ ଓ ତହସିଲଗୁଡ଼ିକରେ ଏହା ମଧ ଅଫ୍‌ଲାଇନ ମାଧମରେ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ପ୍ରତ୍ୟେକ ନିଜ ଦାୟିତ୍ୱକୁ ନିଷ୍ଠାର ସହ ପାଳନ ଏବଂ ସମସ୍ତଙ୍କ ପ୍ରତି ଉଚିତ ବ୍ୟବହାର ହିଁ ଏହାର ମାପକାଠି ହେବ। ମୋ ସରକାର ବ୍ୟବସ୍ଥା ଦ୍ୱାରା ସାଧାରଣ ଲୋକଙ୍କ ସମସ୍ୟା ଦୂର ହେବା ସହ ଅଯଥା, ବିନା କାରଣରେ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଅନୁପ୍ରବେଶକାରୀଙ୍କୁ ମଧ ଚିହ୍ନଟ କରାଯାଇ ପାରିବ। ଯାହାଦ୍ୱାରା ଦଲାଲ ବା ମଧସ୍ଥିଙ୍କ ପ୍ରଲୋଭନ ବା କବଳରୁ ସାଧାରଣ ଲୋକଟି ମୁକ୍ତି ପାଇପାରିବ ବୋଲି ଦାସ କହିଥିଲେ। ଧାର୍ଯ୍ୟ ଲକ୍ଷ୍ୟକୁ ଯେପରି ପୂରଣ କରାଯାଇ ପାରିବ ସେଥିପ୍ରତି ପ୍ରତ୍ୟେକ ରାଜସ୍ୱ ଅଧିକାରୀ, କର୍ମଚାରୀ କାର୍ଯ୍ୟ କରନ୍ତୁ ବୋଲି ଦାସ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ରାଜସ୍ୱ ଅଧିକାରୀ ତରଣୀସେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ରକ୍‌କୁ ଧକ୍କାଦେଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**କୋରେଇ,୨୧।୮(ସ୍ୱ.ପ୍ର):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥ ଚାନ୍ଦପୁର ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିବା ମା' ଅମ୍ବିକା ନାମକ (ଓଆର୦୧କ୍ୟୁ୩୩୩୩) ଏକ ଘରୋଇ ବସ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଉକ୍ତ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ବସ ଚାଳକଙ୍କୁ ନିଦ ଲାଗିଯାଇଥିବାରୁ ଦୁର୍ଘଟଣା ଘଟିଲା ବୋଲି ଯାତ୍ରୀମାନେ ପ୍ରକାଶ କରିଥିଲେ। ପାଟ୍ରୋଲିଂ ଦାୟିତ୍ୱରେ ଥିବା ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିବାବେଳେ ବସ୍‌ଟିକୁ ଜବତ କରିଥିଲା।

■ବଡ଼ଚଣା ପଞ୍ଚାୟତ ସମିତି ବୈଠକ

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରସଙ୍ଗକୁ ନେଇ ଅସନ୍ତୋଷ

**ଚଣ୍ଡିଖୋଲ,୨୧।୮(ଡି.ଏନ୍.ଏ.)**

ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି। ଏହି ବିଭାଗରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ନେଇ ବୁଧବାର ବଡ଼ଚଣା ପଞ୍ଚାୟତ ସମିତିର ବୈଠକରେ ସରପଞ୍ଚ ଓ ସମିତିସଭ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ୮ମ ବୈଠକରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷା ସମସ୍ୟା ସମ୍ପର୍କରେ ଅବଗତ ହେବାସହ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବେ ବୋଲି ପ୍ରକାଶ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରାଥମିକ ଶିକ୍ଷା ଓ ଉଚ୍ଚମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ରହୁଥିବା ତ୍ରୁଟିକୁ ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବ୍ଲକ ଅନ୍ତର୍ଗତ କେତେକ ବିଦ୍ୟାଳୟର ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହାକୁ ଏପର୍ଯ୍ୟନ୍ତ ମରାମତି କରାଯାଇ ନାହିଁ। କେତେକ ସ୍ଥାନରେ ବିଦ୍ୟାଳୟ ଗୃହଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ଥିଲାବେଳେ ସେଥିରେ ଛାତ୍ରୀଛାତ୍ରମାନେ ବିପଦଜ୍ଜନକ ଭାବେ ପାଠ ପଢୁଛନ୍ତି। ଜିଲାର ସମସ୍ତ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାଠ ପଢ଼ା ଆରମ୍ଭ ହୋଇଥିବାବେଳେ ବଡ଼ଚଣାରେ ଆଦର୍ଶ ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ ହୋଇପାରି ନ ଥିବା କହି ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଚାରିନଙ୍ଗଳ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ଯଦୁମଣି ଦାସ ପ୍ରଶ୍ନ କରିବା ସହ ତଦନ୍ତ ପାଇଁ ଦାବି କରିଥିଲେ। ମହାବିନାୟକ ବିଦ୍ୟାୟନ ବଡ଼ଚଣାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ଏଠାରେ ଶିକ୍ଷକ ଅଭାବରୁ ପାଠପଢ଼ା ଘୋର ବ୍ୟାଘାତ ଘଟୁଥିବା ନେଇ ବଡ଼ଚଣା ପଞ୍ଚାୟତର ସମିତିସଭ୍ୟ ରବୀନ୍ଦ୍ର ନାଥ ଦାଶ ଅଭିଯୋଗ କରିଥିଲେ। ସାଉଡିଆସ୍ଥିତ ନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଶିକ୍ଷା କମିଟି ଗଠନ କରାଯାଇପାରୁ ନାହିଁ। ଏହି ଅବ୍ୟବସ୍ଥା ନେଇ ବ୍ଲକ ଶିକ୍ଷାଧିକାରୀ ସସ୍ମିତା ସାହୁଙ୍କୁ ବାରମ୍ବାର କହିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ସାଉଡିଆ ସରପଞ୍ଚ ଅନୀଲ ପରିଡା ଅଭିଯୋଗ କରିଥିଲେ। ସେହିପରି ବିକ୍ରମତିରଣ ପଞ୍ଚାୟତରେ ରହିଥିବା ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ସହିତ ଭିତ୍ତିଭୂମି ନ ଥିବା ଓ ଭଙ୍ଗା ଘରେ ଛାତ୍ରୀଛାତ୍ର ପାଠପଢୁଥିବା ନେଇ ସମିତିସଭ୍ୟ ସୁବାଷଚନ୍ଦ୍ର ନାୟକ ଅଭିଯୋଗ କରିଥିଲେ। ପୂର୍ବରୁ ପଞ୍ଚାୟତ ସମିତି ବୈଠକରେ କରାଯାଇଥିବା ଅଭିଯୋଗର ସମାଧାନ ହେଉ ନାହିଁ କିମ୍ବା ଏଥିନେଇ ପ୍ରଶାସନିକ ଅଧିକାରୀମାନେ କୌଣସି ଉତ୍ତର ରଖୁ ନ ଥିବାନେଇ ବରଦା ସମିତିସଭ୍ୟା ତପସ୍ୱନୀ ବାରିକ ଅଭିଯୋଗ କରିଥିଲେ। ବଡ଼ବାଲିକୁଦା ପଞ୍ଚାୟତ ଓ କୁନ୍ଦଳ ପଞ୍ଚାୟତରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଯୋଗୁ ପାଠ ପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଶିକ୍ଷକ ନ ଥିବାରୁ ପିଲାମାନେ ପାଠ ପଢିପାରୁ ନାହାନ୍ତି ବୋଲି ବଡ଼ବାଲିକୁଦା ସରପଞ୍ଚ ଗଗନ କୁମାର ସ୍ୱାଇଁ ଓ କୁନ୍ଦଳ ସମିତି ସଭ୍ୟ ଅନନ୍ତ କିଶୋର ଜେନା ଅଭିଯୋଗ କରିଥିଲେ। ସେଇଭଳି ବଡ଼ଘୁମୁରୀ, ପାରିଆ, ସୋଲର, ଖଇରା, ଚଣ୍ଡିତଳ, ବଡ଼ବାଲିକୁଦା ଓ ସୁଙ୍ଗୁଡା ପଞ୍ଚାୟତରେ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଏବଂ ଶିକ୍ଷା କମିଟି ଗଠନ ନେଇ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ସରପଞ୍ଚ ନିବେଦିତା ସାହୁ, ନିଳମଣୀ ରାଉତ, ହରପ୍ରିୟା ବରାଳ, ଚାଟାଳିନ ସ୍ୱାଇଁ, ମମିନଅଲ୍ଲୀ ଖାଁ ଓ ସମିତିସଭ୍ୟ ବିନୋଦ ବିହାରୀ ଜେନା, ଶ୍ରୀକାନ୍ତ ବେହେରା ପ୍ରମୁଖ ଅଭିଯୋଗ କରିଥିଲେ। ଏହି ବୈଠକରେ ଶିକ୍ଷା, କୃଷି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା ହେବ ବୋଲି ପୂର୍ବରୁ ବ୍ଲକ ତରଫରୁ ସୂଚନା ଦିଆଯାଇଥିଲେ ସୁଦ୍ଧା କେବଳ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚା ସମୟରେ ବ୍ଲକ ଶିକ୍ଷାଧିକାରୀଣୀ ସସ୍ମିତା ସାହୁ ସଭାଗୃହକୁ ନ ଆସିବା ଏବଂ ଛୁଟି ନେଇ ରହିବା ଯୋଗୁ ବହୁ ଜନପ୍ରତିନିଧି କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର ଉତ୍ତର ରଖିଥିଲେ ସୁଦ୍ଧା କୌଣସି ଠିକ୍ ସୂଚନା ଦେଇ ନ ପାରିବାରୁ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।



ବଡ଼ଚଣା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତି ଏମ୍‌ପି ଓ ବିଧାୟକଙ୍କ ସହ ଅନ୍ୟମାନେ।

## ଘାସ କାଟିବାକୁ ବିରୋଧରୁ ମରଣାନ୍ତକ ଆକ୍ରମଣ

**ରସୁଲପୁର,୨୧।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ନୂଆହାଟ ଗ୍ରାମରେ ବୁଧବାର ଘାସ କଟାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଛି। ଘାସ କଟାଳିଙ୍କ ଧାରୁଆ ଅସ୍ତ୍ର ମାଡ଼ରେ ଜମି ମାଲିକ ଗୋବିନ୍ଦ ମଲିକ(୬୦)ଗୁରୁତର ଆହତ ହୋଇଛନ୍ତି। ଏନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ ଟୀର ମଲିକ, ସ୍ତ୍ରୀ ମାତାଜି ମଲିକ ଓ ତାଙ୍କ ଝିଅ ଗୋବିନ୍ଦ ମଲିକଙ୍କ ବିଲରେ ଘାସ କାଟୁଥିଲେ। ଏହାକୁ ଗୋବିନ୍ଦ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହେବା ସହ ମାରପିଟ୍ ହୋଇଥିଲ। ଘଟଣାସ୍ଥଳରେ ଟୀର ଓ ପରିବାରର ଅନ୍ୟସଦସ୍ୟମାନେ ଗୋବିନ୍ଦଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣକରି ରକ୍ତାକ୍ତ କରିପକାଇ ଥିଲେ। ଏସମ୍ପର୍କରେ ଟୀର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୦୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପାରିବାରିକ ବିବାଦ ଏଭଳି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ବରୀ ପଞ୍ଚାୟତ ସମିତି ଅଧକ୍ଷ ପଦ ହାତେଇବା ପରେ ରସୁଲପୁର ବ୍ଲକ ଅଞ୍ଚଳର ଭାଜପା କର୍ମୀମାନେ ଖୁସି ମନାଉଛନ୍ତି।

## ବିଦ୍ୟାଳୟରେ ଅସହାୟ ଶିଶୁର ନାମ ଲେଖାଇଲା ଯୁବ ସଂଗଠନ

**କୋରେଇ,୨୧।୮(ସ୍ୱ.ପ୍ର)**

ପାଣିକୋଇଲି ଅଞ୍ଚଳର ଯୁବ ସଙ୍ଗଠନ 'ଆମେ ବିପଦର ସାଥୀ' ପକ୍ଷରୁ ବିଦ୍ୟାଳୟରେ ଜଣେ ଅସହାୟ ଶିଶୁଙ୍କ ନାମ ଲେଖାଯାଇଛି। ପ୍ରକାଶ ଯେ, ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଆଖୁଆପଦା ଗ୍ରାମର ରବୀନ୍ଦ୍ର ଜେନାଙ୍କ ଘରେ ଗତ ଦୁଇବର୍ଷ ତଳେ ନିଆଁ ଲାଗି ଆସବାବପତ୍ର ସମେତ ସମସ୍ତ କାଗଜପତ୍ର ପୋଡ଼ି ଯାଇଥିଲା। ଫଳରେ ରବୀନ୍ଦ୍ର ତାଙ୍କ ପୁଅ ଅର୍ଜୁନ(୬)ଙ୍କର କୌଣସି ବିଦ୍ୟାଳୟରେ ନାମ ଲେଖାଇ ପାରୁ ନ ଥିଲେ। ଏ ସମ୍ପର୍କରେ 'ଆମେ ବିପଦରେ ସାଥୀ' ସଦସ୍ୟମାନେ ଜାଣିବା ପରେ ସେମାନେ ତୁରନ୍ତ ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁଚରଣ ବେହେରାଙ୍କୁ ଜଣାଇ ଅର୍ଜୁନଙ୍କ ନାମ ଲେଖାଇବାକୁ ଅନୁରୋଧ କରିଥିଲେ। ଏହାପରେ ପ୍ରଧାନଶିକ୍ଷକ ବେହେରା ପିଲାଟିର ଆଡମିଶନ କରାଇବା ସହିତ ତାକୁ ବହିପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟରେ ଆମେ ବିପଦରେ ସାଥୀ ସଦସ୍ୟଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶ୍ୟାମ ସୁନ୍ଦର ପାଢୀ, ସହକାରୀ ଶିକ୍ଷକ କ୍ଷେତ୍ରବାସୀ ସାହୁ, ସ୍ଥାନୀୟ ବ୍ୟକ୍ତି ଅଶୋକ କୁମାର ଲେଙ୍କା, ବଟକୃଷ୍ଣ ଦାସ ପ୍ରମୁଖ ସହାୟତା କରିଥିଲେ।

## ଭିଜିଲାନ୍ସ ଜାଲରେ ପୌର ସହକାରୀ ନିର୍ବାହୀ ଯନ୍ତ୍ରୀ

**ଯାଜପୁର ରୋଡ,୨୧।୮(ନି.ପ୍ର)**

ବ୍ୟାସନଗର ପୌର ପରିଷଦର ସହକାରୀ ନିର୍ବାହୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ପୌର ପରିଷଦର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ର ଜଣେ ଠିକାଦାରଙ୍କଠାରୁ ୩୮ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଯାଜପୁର ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ଜଣାଯାଇଛି ଯେ, ପୌର ପରିଷଦ ଠିକାଦାର ସନ୍ତୋଷ ରାଉତ ୨୧ଟିଫାଇଲ କାର୍ଯ୍ୟର ସିକ୍ୟୁରିଟି ଟଙ୍କା ପ୍ରଦାନ ପାଇଁ ୧୦% ଲାଞ୍ଚ ମାଗିଥିଲେ। ଉକ୍ତ ଠିକାଦାର ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ-ଯୋଜନା ଅନୁଯାୟୀ ଠିକାଦାର ୩୮ହଜାର ଟଙ୍କା ଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ରଙ୍କୁ ପୌର ପରିଷଦ କାର୍ଯ୍ୟାଳୟରେ ଦେଇଥିଲେ। ଏହି ସମୟରେ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ବନମାଳି ଧଳଙ୍କ ନେତୃତ୍ୱରେ ୧୨ଜଣିଆ ଟିମ୍ ଚଢାଉ କରି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ୩୮ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ମହାପାତ୍ରଙ୍କୁ କଟକ ଭିଜିଲାନ୍ସ କୋର୍ଟକୁ ପଠାଯାଇଛି। ମହାପାତ୍ରଙ୍କ ବାସଭବନ ଭୁବନେଶ୍ୱର ଓ ଢେଙ୍କାନାଳଠାରେ ଭିଜିଲାନ୍ସ ଚଢାଉ ଅବ୍ୟାହତ ରହିଛି। ଏହି ଯନ୍ତ୍ରୀଙ୍କ ନାମରେ ବହୁ ଦୁର୍ନୀତି ଅଭିଯୋଗ ରହିଛି। ଭିଜିଲାନ୍ସ ବିଭାଗ ଖୋଳତାଡ କରୁଛି। ପୌର ପରିଷଦ ଦୁର୍ନୀତି ସମ୍ପର୍କରେ ବହୁ ଅଭିଯୋଗ ଜିଲା ପ୍ରଶାସନ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ କରାଯାଇଛି ।



ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ।

**୩୮ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଲେ**

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରସୁଲପୁର,୨୧।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଜୟଦୁର୍ଗା ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା କୁମାରୀ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଯାଜପୁର ଜିଲା ଓଷ୍ଟା ସଂଘର ଯୁଗ୍ମ ସଂପାଦକ ଅମୂଲ୍ୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସହକରୀ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଶୈଳୀ ଓ ଶିକ୍ଷାଦାନ ପଦ୍ଧତି ଉପରେ ମତ ରଖିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତାଭାବେ ନିମ୍ନମାଧମିକ ଶିକ୍ଷକ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ବିକ୍ରମ ଦାସ, ସମ୍ମାନିତ ଅତିଥି ଭାବରେ ନିଖିଳ ଉତ୍କଳ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ପ୍ରଶାନ୍ତ ସର, ସିଆରସି ବିଜୟ କୁମାର ଷଡ଼ଙ୍ଗୀ, ଦିବାକର ସାହୁ, ନିମ୍ନ ମାଧମିକ ସଂଘର ବ୍ଲକ ସଭାପତି ପ୍ରମୋଦ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସୁବାଷ ପାଢୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଜେନା, ଯୋଗଗୁରୁ ବନମାଳୀ ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ମଳୟ ରାଉତ, ସଭ୍ୟାସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମବାସୀ ବୃନ୍ଦ ବାଦାୟୀ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଛ, ଉପହାର, ଉପଢୌକନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା।



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରୁଛନ୍ତି।

## ମୃତ ଶ୍ରୀକାନ୍ତଙ୍କ ପରିବାରକୁ ଭେଟିଲେ ଜିଲାପାଳ

**ଯାଜପୁର ଅଫିସ,୨୧।୮**

କଲିକତାଠାରେ ଏକ ବିଦ୍ୟୁତ୍ ଦୁର୍ଘଟଣାରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତ କୁରୁଡି ଗ୍ରାମର ଶ୍ରୀକାନ୍ତ ରାଉତଙ୍କ ରବିବାର ମୃତ୍ୟୁ ହୋଇଯାଇଥିଲା। ସିଂହପୁର-କଲିକତା ଯାଉଥିବା ସାହୁ ଟ୍ରାନ୍ସପୋର୍ଟ ବସ୍‌ର ଡ୍ରାଇଭର ଶ୍ରୀକାନ୍ତ କଲିକତାରେ ଗତ ୧୮ ତାରିଖ ରବିବାର ଦିନ ପହଞ୍ଚିବା ପରେ ଯାତ୍ରୀଙ୍କୁ ଓହ୍ଲାଇ ସାରି ଗାଡ଼ି ସଜାଡ଼ିବାକୁ ଯିବାବେଳେ ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ବୁଧବାର ପୂର୍ବାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ ମୃତ ଶ୍ରୀକାନ୍ତଙ୍କ କୁରୁଡ଼ିସ୍ଥିତ ଘରେ ପହଞ୍ଚି ତାଙ୍କ ୪ଗୋଟି କନ୍ୟା ଓ ବିଧବା ପତ୍ନୀଙ୍କୁ ଭେଟିବା ସହ ସାନ୍ତ୍ୱନା ପ୍ରଦାନ କରିଥିଲେ। ଜିଲାପାଳ ଦାସ ସ୍ୱର୍ଗତ ଶ୍ରୀକାନ୍ତଙ୍କ ଘରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ତତ୍‌କ୍ଷଣାତ୍ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ପୂର୍ବରୁ ଶବସଂସ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କ ପରିବାରକୁ ସହାୟତା ଦିଆଯାଇଥିଲା। ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର ଟଙ୍କାର ସହାୟତା, ତାଙ୍କ ପତ୍ନୀଙ୍କୁ ବିଧବା ଭତ୍ତା, ଝିଅମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ କରିବାକୁ ଜିଲାପାଳ ବ୍ୟବସ୍ଥା କରିଛନ୍ତି। ସେହିପରି ମୋ' କୁଡ଼ିଆ ଯୋଜନାରେ ତାଙ୍କୁ ସାମିଲ କରି ଯଥାଶୀଘ୍ର ପକ୍କା ଘର ଯୋଗାଇ ଦେବାକୁ ଦଶରଥପୁର ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସ୍କୁଲ ଯାଉଥିବା ତାଙ୍କ ଝିଅଙ୍କ ପାଇଁ ମାସିକ ଦୁଇ ହଜାର ଟଙ୍କା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଅନ୍ତର୍ଗତ ପୃଷ୍ଠପୋଷକତା ବ୍ୟବସ୍ଥା ଅନୁସାରେ ପ୍ରଦାନ ପାଇଁ ଜିଲାପାଳ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ ସହ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ତଥା ଜିଲା ରେଡକ୍ରସ ଶାଖାର ସମ୍ପାଦକ କୁଳମଣି ନାୟକ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଚିତାଳୋ ସରପଞ୍ଚ ଓ ଦଶରଥପୁର ବ୍ଲକର କର୍ମଚାରୀ ପ୍ରମୁଖ ସାମିଲ ଥିଲେ।



ଜିଲାପାଳ ମୃତ ଶ୍ରୀକାନ୍ତଙ୍କ ପରିବାରଙ୍କ ସହ ଆଲୋଚନା କରୁଛନ୍ତି।

■ଜିଲାସ୍ତରୀୟ ବୁଣାକାର ମୁଦ୍ରା ଯୋଜନା ସଚେତନତା ଶିବିର

# ବିଶ୍ୱ ଦରବାରରେ ଝଟକିବ ଗୋପାଳପୁର ବସ୍ତ୍ର

**ରସୁଲପୁର,୨୧।୮(ଡି.ଏନ୍.ଏ.)**

କେବଳ ରାଜ୍ୟ ନୁହେଁ ସମଗ୍ର ଦେଶରେ ଗୋପାଳପୁର ବସ୍ତ୍ର ପ୍ରତି ଆଦର ରହିଛି। ଗୋପାଳପୁର ବୁଣାକାର ଭଉଣୀଭାଇଙ୍କ ହାତ ତିଆରି ବସ୍ତ୍ରକୁ ବିଶ୍ୱଦରବାରରେ ଝଟକାଇବା ଲକ୍ଷ୍ୟରେ ପ୍ରୟାସ ଜାରି ରହିଛି। ଏହି ଅଞ୍ଚଳର ବୁଣାକାରମାନଙ୍କ ଗୁଣବତ୍ତା ସାମଗ୍ରୀ ଉତ୍ପାଦନ କରିବାର ଦକ୍ଷତା ରହିଛି। ଅନ୍ତର୍ଜାତୀୟ ବଜାରରେ ଗୋପାଳପୁର ବସ୍ତ୍ରକୁ ସ୍ଥାନିତ କରିବା ନିମନ୍ତେ ବୁଣାକାରଙ୍କୁ ସକ୍ଷମ କରାଇବାକୁ ପଡ଼ିବ। ସେମାନଙ୍କ ଦକ୍ଷତା ବୃଦ୍ଧି ଘଟାଇବା ଦିଗରେ ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ବୁଣାକାରଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଉପଲବ୍ଧ କରାଯିବା ସହ ଓ କମ୍ ସୁଧରେ ବ୍ୟାଙ୍କ ଋଣ ପ୍ରଦାନ କରାଯିବା ନେଇ ନିଶ୍ଚିତ କରାଯିବ । ଏ ଦିଗରେ ସରକାରଙ୍କ ୫-ଟି ଫର୍ମୁଲାକୁ ଆପଣେଇବାକୁ ବୁଧବାର ଯାଜପୁର ଜିଲା ରସୁଲପୁର ବ୍ଲକ ବିଜୁ ନଗରଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବୁଣାକାର ମୁଦ୍ରା ଯୋଜନା ସମ୍ପର୍କିତ ସଚେତନା ଶିବିରରେ ମତ ପ୍ରକାଶ ପାଇଛି। ଉକ୍ତ ଶିବିରର ପ୍ରଥମ ଅଧିବେଶନରେ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁ ଜୟଦୁର୍ଗା ତନ୍ତୁବାୟ ସମିତିର ସଭାପତି ସମବାୟ ନେତା ଶ୍ରୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାଶ, ଉପ-ନିର୍ଦ୍ଦେଶକ ଦେବଜିତ୍ ନନ୍ଦି, ରସୁଲପୁର ବ୍ଲକ ବିଡିଓଙ୍କ ପ୍ରତିନିଧି ସହକାରୀ ନିର୍ବାହୀ ଯନ୍ତ୍ରୀ ନମିତା ହାଁସଦା, ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲପ ବାଗ ପ୍ରମୁଖ ଯୋଗଦେଇ ବୁଣାକାରଙ୍କ ମମସ୍ୟା ଓ ସମ୍ମାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ହିଙ୍ଗୁଳା ତନ୍ତୁବାୟ ସମିତି-ଭୋଟକା ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରର ୨ୟ ଅଧିବେଶନରେ ଅଗ୍ରଣୀ ବ୍ୟାଙ୍କର ପ୍ରତିନିଧି ପ୍ରମୋଦ କୁମାର ସ୍ୱାଇଁ, ବୟନ ତତ୍ତ୍ୱାବଧାରକ କେଳୁ ମହାରଣା, ରଞ୍ଜନ ପାଣିଗ୍ରାହୀ, ବୟନ ନିରୀକ୍ଷକ ଲକ୍ଷ୍ମୀଧର ସାହୁ, ପ୍ରକାଶ ପାତ୍ର, ନିରଞ୍ଜନ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଜେନା, ବୈଷୟିକ ସହାୟକ ସୁରେନ୍ଦ୍ର କୁମାର ମହାରଣା, ଶ୍ରୀକାନ୍ତ ମିଶ୍ର, ହରିହର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ବୁଣାକାରଙ୍କୁ କମ୍ ସୁଧ ହାରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବାର ସୁବିଧା ରହିଛି। ଏଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗ ରହିଆସୁଛି ବୋଲି ପ୍ରକାଶ କରିଥିଲେ। ବୁଣାକାର ନେତା ରମେଶ ଦାସ, ନରେନ୍ଦ୍ର କୁମାର ବେହେରା, ଅନନ୍ତ ଦାସ, ବେଣୁଧର ଦାସ, ଅଶୋକ ଗୁଇଁ, ବାଇଧର ଦାସ, ପ୍ରଦୀପ୍ତ ସାହୁ, ଜଗବନ୍ଧୁ ପରମାଣିକ, ମଦନମୋହନ ପାତ୍ର ପ୍ରମୁଖ ବୁଣାକାରଙ୍କୁ ଋଣ ପ୍ରଦାନ ଦିଗରେ ବ୍ୟାଙ୍କ ପକ୍ଷରୁ ସୃଷ୍ଟି କରାଯାଉଥିବା ଅସୁବିଧା ସମ୍ପର୍କରେ ଉଥାପନ କରିଥିଲେ। ଆଗାମୀ ଦିନରେ ବୁଣାକାରଙ୍କୁ ଋଣ ପ୍ରଦାନ ଦିଗରେ ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ଗୁରୁତ୍ୱାରୋପ କରିବାକୁ ବିଭିନ୍ନ ବ୍ୟାଙ୍କର କ୍ଷେତ୍ରାଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ହିଙ୍ଗୁଳା ତନ୍ତୁବାୟ ସମିତିର ସଂପାଦକ ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ କରିଥିବା ଯୁବକଙ୍କୁ ଜରିମାନା

ନୟାଗଡ଼ ଅଫିସ,୨୧।୮: ମହିଳାଙ୍କୁ ଅସଦାଚରଣ କରିଥିବା ଜଣେ ଯୁବକଙ୍କୁ ୨୨୫୦ ଟଙ୍କା ଜରିମାନା ଶୁଣାଣି କରିଛନ୍ତି ନୟାଗଡ଼ ଜିଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ କୁମାର ପଣ୍ଡା। ଯୁବକ ଜଣକ ହେଲେ ଗଣିଆ ବ୍ଲକ ବେଣ୍ଟପଡ଼ା ଗ୍ରାମର କରୁଣାକର ନାୟକ। ମାମଲାର ବିବରଣୀରୁ ପ୍ରକାଶ ଯେ, ଗଣିଆ ବ୍ଲକ ଗୋପୀନାଥପୁର ଗ୍ରାମର ଜଣେ ମହିଳା ୨୦୦୮ ମସିହା ଅଗଷ୍ଟ ୬ତାରିଖ ରାତିରେ ଘର ପାଖ ପଡ଼ିଆକୁ ଶୌଚ ହେବା ପାଇଁ ଯାଇଥିଲେ। ସାଙ୍ଗରେ ନେଇଥିବା ଲଣ୍ଠନଟିକୁ ମହିଳା ଜଣକ ରାସ୍ତାରେ ରଖିଥିଲେ। ଏହି ସମୟରେ ଉକ୍ତ ବାଟଦେଇ କରୁଣାକର ଯାଉଥିବା ବେଳେ ଲଣ୍ଠନଟିକୁ ଗୋଇଠା ମାରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ କରୁଣାକର ହାତରେ ଧରିଥିବା ବାଡ଼ିରେ ତାଙ୍କୁ ପିଟିଥିଲେ। ପରେ ସେ ମହିଳାଙ୍କୁ ଅସଦାଚରଣ କରି ଘୋଷାଡ଼ି ନେଇଥିଲେ। ଫଳରେ ମହିଳା ଜଣକ ଆହତ ହୋଇଥିଲେ। ପରଦିନ ମହିଳାଙ୍କ ସ୍ୱାମୀ ଏ ନେଇ ଗଣିଆ ଥାନାରେ ଅଭିଯୋଗ କରିବାରୁ ପୋଲିସ ୩୯/୦୮ରେ ଏକ ମାମଲା ରୁଜୁ କରିଥିଲା। ପରେ ଏହି କେସ୍‌ଟି ଜିଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଆସିଥିଲା। ବୁଧବାର ମହିଳାଙ୍କ ବୟାନକୁ ଭିତ୍ତିକରି ଜିଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଣ୍ଡା କରୁଣାକରଙ୍କୁ ୨୨୫୦ ଟଙ୍କା ଜରିମାନା ଶୁଣାଣି କରିଥିଲେ। ସରକାରୀ ଓକିଲ ଅମିୟ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ମଦ ଜବତ, ୨ ଗିରଫ

ଓଡ଼ଗାଁ, ୨୧।୮(ସ୍ୱ.ପ୍ର.): ଓଡଗାଁ ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଦ୍ୱୟ ହେଲେ କୁରାଳ ନେଳିଆ ସାହିର କୁମର ସାହୁ(୪୮) ଓ ପାଣ୍ଡେରୀପଡା ଗ୍ରାମର ଦିନମଣି ନାୟକ(୫୬)। ପୋଲିସ ସେମାନଙ୍କଠାରୁ ୭ ଓ ୧୦ ଲିଟର ମଦ ଜବତ କରିଛି। ଉଭୟଙ୍କ ବିରୋଧରେ ୧୩୧ ଓ ୧୩୦ରେ ମକଦ୍ଦମା ରୁଜୁ ହୋଇଛି।

### ରଣଜିତ ଗୁରୁଙ୍କ ବିୟୋଗରେ ଶୋକ

ଖଣ୍ଡପଡ଼ା,୨୧।୮(ସ୍ୱ.ପ୍ର): ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ରଣଜିତ ଗୁରୁଙ୍କ ବିୟୋଗରେ ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଗୁରୁଙ୍କ ବିୟୋଗରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହ ସାମ୍ବାଦିକ ଜଗତରେ ଅପୂରଣୀୟ କ୍ଷତି ଘଟିଲା ବୋଲି ସଂଘ ପକ୍ଷରୁ ଏକ ଶୋକବାର୍ତ୍ତାରେ ଉଲ୍ଲେଖ କରାଯାଇଛି। ସଂଘ ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂସାମନ୍ତ, ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ରବି ପଟ୍ଟନାୟକ, ଅଜୟ କୁମାର ମହାରଣା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଶାନ୍ତିଶେଖର ରଥ, ସୋମନାଥ ମହାନ୍ତି, ମନୋଜ କୁମାର ସାହୁ, ସଂଗ୍ରାମ କେଶରୀ ପଟ୍ଟନାୟକ, ସନାତନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।

# ବସ୍‌ରେ ବିପଦସଙ୍କୁଳ ଯାତ୍ରା

ନୟାଗଡ଼ ଅଫିସ,୨୧।୮



ବିପଦସଙ୍କୁଳ ଅବସ୍ଥାରେ ଏକ ମିନିବସ୍‌ରେ ଲୋକମାନେ ଯାତ୍ରା କରୁଛନ୍ତି।

- ସଚେତନତାରେ ସୀମିତ ବିଭାଗର କାର୍ଯ୍ୟ
- କାର୍ଯ୍ୟାନୁଷ୍ଠାନ ଅଭାବରୁ ବଢୁଛି ଦୁର୍ଘଟଣା

ନୟାଗଡ଼ ସହରରୁ ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଉଥିବା ବସ୍‌ରେ ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି। ଅଧିକାଂଶ ବସ୍‌ରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଯାଉଥିବା ଦେଖିବାକୁ ମିଳୁଛି। ବସ୍‌ରେ ଯେତିକି ଲୋକ ଯାଉନାହାନ୍ତି, ତା'ଠାରୁ ଅଧିକ ସାମଗ୍ରୀ ଉପରେ ଲୋଡ୍ ହୋଇ ଯାଉଛି। ଡ୍ରାଇଭରଙ୍କଠାରୁ ଆରମ୍ଭ କରି ମାଲିକମାନେ ସଡ଼କ ସୁରକ୍ଷା ନୀତିନିୟମକୁ ଜଳାଞ୍ଜଳି ଦେଇ ଏହିଭଳି ଭାବେ ପ୍ରତିଦିନ ଜିଲାର ବିଭିନ୍ନ ସ୍ଥାନକୁ ବସ୍ ଚଲାଉଛନ୍ତି। ଲୋକମାନେ ଅନ୍ୟ ଉପାୟ ନ ପାଇ ଉକ୍ତ ବସ୍‌ରେ ଯାତ୍ରା କରୁଛନ୍ତି। ବିଭାଗ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏ ନେଇ ପଚାରିଲେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଉଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। କହିବାକୁ ଗଲେ ବିଭାଗ କେବଳ ସଚେତନତାରେ ସୀମିତ ରହୁଛି। ପ୍ରତିଦିନ ସକାଳେ ନୟାଗଡ ପୁରୁଣା ବସ୍‌ଷ୍ଟାଣ୍ଡରୁ ଯାଉଥିବା ମିନି ବସ୍‌ଗୁଡ଼ିକ ନିଜ ଓଜନଠାରୁ ଅଧିକ ମାଲ ଉପରେ ଲୋଡ୍ କରିବା ସହିତ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନେଇ ଯାଉଛନ୍ତି। ନୟାଗଡ଼ ଜିଲାରୁ ପ୍ରତ୍ୟହ ଜିଲା ବାହାରକୁ ୧୦୦ରୁ ୧୧୦ଟି ବସ୍ ଚଳାଚଳ କରୁଛି। ସେହିପରି ଜିଲା ମଧ୍ୟରେ ୩୫ରୁ ୪୦ଟି ମିନିବସ୍ ଯାତାୟାତ କରୁଛନ୍ତି। ୮ଟି ସରକାରୀ ବସ୍ ମଧ୍ୟ ପ୍ରତିଦିନ ଜିଲା ଦେଇ ଯା'ଆସ କରୁଛନ୍ତି। ବସ୍‌ଗୁଡ଼ିକର ଫିଟ୍‌ନେସ୍ ନ ଥିବା ଓ ଓଭରଲୋଡ଼ିଂ (ଅତ୍ୟଧିକ ମାଲ୍ ନେବା) ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗତ ମେ' ୫ ତାରିଖରେ ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ ଘାଟିରେ ଏକ ମିନିବସ୍ ଓଲଟି ୧୩ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଥିଲେ। ଏହା ପୂର୍ବରୁ ୨୩ ଡିସେମ୍ବର ୨୦୧୭ରେ ନୟାଗଡ଼ ଟ୍ରାଫିକ୍ ଛକଠାରେ ଏକ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଅନ୍ୟ ଏକ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଏଥିରେ ୧୦ଜଣ ଆହତ ହୋଇଥିଲେ। କେବଳ ଏହି ଦୁଇ ଘଟଣା ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ ଅନେକ ବସ୍ ଧକ୍କାରେ ଲୋକମାନେ ଆହତ ହେବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସଡ଼କ ସୁରକ୍ଷା ନିୟମ ଭାଙ୍ଗୁଥିବା ବସ୍ ମାଲିକ ଓ ଡ୍ରାଇଭରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପ୍ରତାପ ପ୍ରୀତିମୟଙ୍କୁ ପଚାରିବାରୁ ସେ ଆଗାମୀ ଦିନରେ ଏ ନେଇ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

- ସମ୍ପର୍କୀୟ ଅଜା ବଳାତ୍କାର କରିଥିବା ଅଭିଯୋଗ
- ୨ଦିନ ପରେ ଡାକ୍ତରୀମାଇନା ପାଇଁ ଆଣିଲା ପୋଲିସ

ନୟାଗଡ଼ ଅଫିସ,୨୧।୮

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶେଯରୁ ଉଠିପାରୁ ନ ଥିବା ଜଣେ ଦିବ୍ୟାଙ୍ଗ ନାବାଳିକା(୧୨)ଙ୍କୁ ତାଙ୍କ ସମ୍ପର୍କୀୟ ଅଜା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ, ଓଡ଼ଗାଁ ଥାନା ଅଞ୍ଚଳରେ ଉକ୍ତ ଦିବ୍ୟାଙ୍ଗ ନାବାଳିକାଙ୍କ ଘର । ସେ ଇଟାମାଟି ଥାନା ଅଞ୍ଚଳରେ ଥିବା ତାଙ୍କ ଆଈ ଘରେ ରୁହନ୍ତି। ନାବାଳିକାଙ୍କ ମୁଣ୍ଡଟି ଅସ୍ୱାଭାବିକ ଭାବେ ବଢୁଥିବାରୁ ସେ ଛାତ ଉପରେ ଥିବା ଏକ ଘରେ ସବୁବେଳେ ଶୋଇ ରୁହନ୍ତି। ପରିବାର ଲୋକେ ତାଙ୍କର ସେବା ଶୁଶ୍ରୂଷା କରନ୍ତି। ଗତ ସୋମବାର ରାତିରେ ନାବାଳିକାଙ୍କ ସମ୍ପର୍କୀୟ ଅଜା ତଥା ସେହି ଗ୍ରାମର ରବି ମହାନ୍ତି (୩୦) ଘରକୁ ଆସି ନାବାଳିକା କେଉଁଠି ଅଛି ବୋଲି ପଚାରିଥିଲେ। ଏହାପରେ ସେ ଛାତ ଉପର ଘରକୁ ଯାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଘରେ କେହି ପୁରୁଷ ଲୋକ ନ ଥିବାରୁ ରବି ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଥିଲେ। ସେଦିନ ରାତିରେ ନାବାଳିକାଙ୍କ ଆଈ ଓ ଅନ୍ୟମାନେ ଅଭିଯୋଗ କରିବା ପାଇଁ ଇଟାମାଟି ଥାନାକୁ ଯାଇଥିଲେ। ହେଲେ ପୋଲିସ ସେମାନଙ୍କୁ ମଙ୍ଗଳବାର ସକାଳେ ଆସିବାକୁ କହିଥିଲା। ମଙ୍ଗଳବାର ସେମାନେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା(ନଂ.୧୧୫/୧୯) ରୁଜୁ କରିଥିଲା। ଦୁଇଦିନ ପରେ ଅର୍ଥାତ୍ ବୁଧବାର ପୋଲିସ ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ରବିଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ରବି କଟକର ବିଭିନ୍ନ ହୋଟେଲରେ ରହି ରୋଷେୟା କାମ କରନ୍ତି । କିଛିଦିନ ତଳେ ସେ ଗାଁକୁ ଆସିଥିଲେ।

## ବନ୍ଧୁକ ଦେଖାଇ ୮୯ ହଜାର ଲୁଟ୍

ରଣପୁର,୨୧।୮(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା-ରଣପୁର ରାସ୍ତାର କୋଇଲିମା ପ୍ରାଣୀ ଚିକିତ୍ସାଳୟ ନିକଟରେ ଜଣେ କମ୍ପାନୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଏ ନେଇ ରଣପୁର ଥାନାରେ ମାମଲା ରୁଜୁ ହୋଇଛି। ଗତ ୧୯ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ରାଜସୁନାଖଳା ଶାଖାର ସାର୍ଟିନ କ୍ରେଡିଟ୍ କେୟାର ନେଟ୍‌ୱର୍କ ଲିମିଟେଡ୍‌ର ଫିଲ୍ଡ କର୍ମଚାରୀ ଜିତୁରାଜ ଆଲଟିଆଙ୍କଠାରୁ ଦୁର୍ବୃତ୍ତମାନେ ୮୯ ହଜାର ୪୬୦ ଟଙ୍କା, ଗୋଟିଏ ଟାବ୍‌ଲେଟ ଓ ୨ଟି ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ପୋଲିସ ନଂ.୧୭୦/୧୯ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା ବୁଗୁଡା ଥାନା ଭଗବାନପୁର ଗାଁର ଜିତୁରାଜ ଉକ୍ତ କମ୍ପାନୀର ରାଜସୁନାଖଳା ଶାଖାର ଫିଲ୍ଡ କର୍ମଚାରୀ ଭାବେ କାମ କରୁଛନ୍ତି। ଗତ ୧୯ ତାରିଖରେ ଜିତୁରାଜ ମାନପୁର, ରଣପୁର, ଲୁଣିସାହିରେ ୭ ବୈଠକ କରାଇ ସ୍ଥାନୀୟ ସଭ୍ୟାଙ୍କଠାରୁ ୮୯ ହଜାର ୪୬୦ ଟଙ୍କା ଆଦାୟ କରି ସୁନାଖଳା ଫେରୁଥିଲେ। ପଛପାର୍ଶ୍ୱରୁ ୩ ଜଣ ଅଜଣା ଯୁବକ କଳାରଙ୍ଗର ଆପାଚି ବାଇକ୍‌ରେ ଆସି କୋଇଲିମା ପ୍ରାଣୀ ଚିକିତ୍ସାଳୟ ନିକଟରେ ଜିତୁରାଜଙ୍କୁ ଧକ୍କା ମାରିଥିଲେ। ସେ ପଡିଯିବା ପରେ ୩ ଲୁଟେରା ବାଇକ୍‌ରୁ ଓହ୍ଲାଇ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଟଙ୍କା, ଟାବ୍‌ଲେଟ ଓ ମୋବାଇଲ ନେଇ ପଳାଇ ଯାଇଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆର୍ ହଟହଟା



ମେଡ଼ିକାଲ୍ ପରିସରରେ ଥିବା ଏମ୍‌ଆର୍।



ଏମ୍‌ଆର୍‌ମାନେ ଛାଡ଼ି ଯାଇଥିବା ବ୍ୟାଗ୍।

ନୟାଗଡ଼ ଅଫିସ,୨୧।୮

## ବ୍ୟାଗ୍ ଛାଡ଼ି ପଳାଇଗଲେ

ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆର୍ (ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ) ମାନେ ହଟହଟା ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଚିକିତ୍ସାଳୟରେ କେତେଜଣ ଖବରଦାତା ଉପସ୍ଥିତ ଥିବାବେଳେ ଆଉଟ୍‌ଡୋରକୁ ୮ରୁ ୧୦ଜଣ ଏମ୍‌ଆର ପଶିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟାଗ୍ ଖୋଲି ଡାକ୍ତରଙ୍କୁ ଔଷଧ ଦେଖାଉଥିଲେ। ଏହି ସମୟରେ ଜଣେ ଖବରଦାତା ଏହାର ଭିଡ଼ିଓ ରେକର୍ଡିଂ କରିଥିଲେ। ଏହା ଦେଖି କେତେଜଣ ଏମ୍‌ଆର ଦୌଡ଼ି ପଳାଇ ଆସିଥିବା ବେଳେ ଆଉ କେତେଜଣ ସେମାନଙ୍କ ବ୍ୟାଗ୍ ଛାଡ଼ି ପଳାଇଥିଲେ। ପରେ ଏ ନେଇ ଖବରଦାତାମାନେ ଚିକିତ୍ସାଳୟର ମ୍ୟାନେଜରଙ୍କୁ ଜଣାଇବାରୁ ସେ ୨୦ ମିନିଟ ପରେ ଆସି ସେମାନଙ୍କ ବ୍ୟାଗ୍ ସିଜ୍ କରିଥିଲେ। ଅପରାହ୍ନ ୪ଟାରେ ବ୍ୟାଗ୍ ରହି ଯାଇଥିବା ୪ ଜଣ ଏମ୍‌ଆର ପୁନର୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଶିବେ ନାହିଁ ବୋଲି ଅଣ୍ଡରଟେକିଂ ଲେଖିବା ପରେ ସେମାନଙ୍କୁ ବ୍ୟାଗ୍ ଦିଆଯାଇଥିଲା। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟକୁ କୌଣସି ଏମ୍‌ଆର ପଶିପାରିବେ ନାହିଁ ବୋଲି ପୋଷ୍ଟର ମରାଯାଇଛି। ହେଲେ ଏମ୍‌ଆରମାନେ କିଛି ଡାକ୍ତରଙ୍କୁ ହାତ କରି ମେଡ଼ିକାଲ୍‌ରେ ପଶି ସେମାନଙ୍କ ଔଷଧ ଦେଖାଉଛନ୍ତି। ଏପରି କି କେତେଜଣ ରୋଗୀ ସାଜି ଡାକ୍ତରଙ୍କ ପାଖରେ ରହି ନିଜର ବ୍ୟବସାୟ କରୁଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର କହନ୍ତି, ଉକ୍ତ ୪ ଜଣ ଏମ୍‌ଆର ଅଣ୍ଡରଟେକିଂ ଲେଖିବା ପରେ ସେମାନଙ୍କୁ ଛଡ଼ା ଯାଇଛି। ପୁନର୍ବାର ଯଦି ସେମାନେ ପ୍ରବେଶ କରିବେ ତା' ହେଲେ ସେମାନଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

## କୂଅରୁ ଗଳିତ ମୃତଦେହ ଉଦ୍ଧାର ଘଟଣା: ୪ ଗିରଫ

ଖଣ୍ଡପଡ଼ା,୨୧।୮(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡପଡା ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ତେନ୍ତୁଳିଆପଲ୍ଲୀ ଗ୍ରାମର ଗୌରାଙ୍ଗ ପ୍ରଧାନ, ସୋମନାଥ ପ୍ରଧାନ ଓରଫ ରାମ, ଚରଣ ପ୍ରଧାନ ଓ ମନୁ ପ୍ରଧାନ। ସୂଚନାଯୋଗ୍ୟ, ତେନ୍ତୁଳିଆପଲ୍ଲୀ ଗ୍ରାମର ଧୋବା ପ୍ରଧାନ(୪୭)ଙ୍କର ଗଳିତ ମୃତଦେହ ଖଣ୍ଡପଡା ପୋଲିସ ସ୍ଥାନୀୟ ଅଞ୍ଚଳର ଏକ କୂଅରୁ ଉଦ୍ଧାର କରିଥିଲା। ମୃତକଙ୍କ ପତ୍ନୀ ସୁଷମା ତାଙ୍କ ସ୍ୱାମୀଙ୍କୁ ସୁଚିନ୍ତିତ ଉପାୟରେ ହତ୍ୟା କରାଯାଇଥିବା ନେଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତେନ୍ତୁଳିଆପଲ୍ଲୀ ଗ୍ରାମର ୧୧ ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତମାନେ ଗାଁ ଛାଡ଼ି ଫେରାର ହୋଇଯାଇଥିଲେ । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରିଥିଲା।

## ଦେଶୀମଦ ଜବତ, ୨ ଗିରଫ

ରଣପୁର, ୨୧।୮ (ସ୍ୱ.ପ୍ର.)

ନୟାଗଡ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ରଣପୁର ଅବକାରୀ ନିରୀକ୍ଷକ ସଦଳବଳ ୨ଗ୍ରାମରେ ଚଢାଉ କରି ଦେଶୀମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛନ୍ତି। ବଧିପାଟଣା ଗ୍ରାମରେ ଚଢାଉ କରି ଅଭିମନ୍ୟୁ ନାୟକଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୪ ଲିଟର ଦେଶୀ ମଦ ଜବତ କରାଯାଇଛି । ସେହିପରି ନରେନ୍ଦ୍ରପୁର ଗ୍ରାମରେ ଚଢାଉ କରି କୃଷ୍ଣ ସାହୁଙ୍କୁ ଗିରଫ କରି ତାଙ୍କ ଠାରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଚଢାଉରେ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ଉପ ନିରୀକ୍ଷକ ଲିଙ୍ଗରାଜ ମହାପାତ୍ର, ବିଜୟ କୁମାର ନାୟକ, ବ୍ରଜ ପ୍ରଧାନ ଓ ମିତା ନାୟକ ସହଯୋଗ କରିଥିଲେ । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ଗିରଫ ୨ ଅଭିଯୁକ୍ତ ଓ ଜବତ ମଦ।

# ବିଧାୟକଙ୍କ ଗାଡ଼ି ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.),୨୧।୮

ଗତ ସୋମବାର ଦଶପଲ୍ଲା ବ୍ଲକ ଡୁମାଣ୍ଡି ଛକଠାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକଙ୍କ ଗାଡ଼ି ଧକ୍କାରେ ଆହତ ହୋଇଥିବା ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଦଶପଲ୍ଲା ବ୍ଲକ ବୁଗୁଡ଼ା ଗ୍ରାମର ସନ୍ତୋଷ ବାରିକ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସନ୍ତୋଷ ଚିକିତ୍ସାଧୀନ ଥିବାବେଳେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପରିବାର ସହ ସନ୍ତୋଷ ସାତପାଟଣାରେ ରହୁଥିଲେ। ସୋମବାର କୌଣସି କାମରେ ଡୁମାଣ୍ଡି ଯାଇ ସାତପାଟଣା ଫେରୁଥିବା ସମୟରେ ବିଧାୟକଙ୍କ କାର୍‌ଟି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରୁ ପଡି ସନ୍ତୋଷ ଗୁରୁତର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଦଶପଲ୍ଲା ଥାନାରେ ଏ ନେଇ ୯୫/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ସୁନେତ୍ର ଶିକ୍ଷକ ତାଲିମ

ରଣପୁର,୨୧।୮(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଏନଏସି ଅନ୍ତର୍ଗତ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ବୁଧବାର ସୁନେତ୍ର କାର୍ଯ୍ୟ ଉପରେ ବ୍ଲକସ୍ତରୀୟ ଏକ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଣପୁର ବ୍ଲକର ନରସିଂହପୁର, ଗୌରାଙ୍ଗପୁର,ରଣପୁର, ଡମସାହି, ବ୍ରଜରାଜପୁର କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ । ବିଦ୍ୟାଳୟ ସ୍ତରରେ ଶିକ୍ଷାର୍ଥୀମାନଙ୍କର ଚକ୍ଷୁ ଦୋଷ ଚିହ୍ନଟ ଓ ଏହାର ପ୍ରତିକାର ସମ୍ବନ୍ଧରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରଣପୁର ସରକାରୀ ଡାକ୍ତରଖାନାର ଚକ୍ଷୁଡାକ୍ତର ଡ. ବିଜୟଲକ୍ଷ୍ମୀ ଶତପଥୀ ତାଲିମ ପ୍ରଦାନ କରିଥିଲେ । ବିଆରପି ସନ୍ତୋଷ କୁମାର ମହାପାତ୍ର, ମାନସ କୁମାର ପାଲଟାସିଂ ଓ ସୁଜାତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

- ବିଦ୍ୟୁତ୍ ଚୋରି ରୋକିବାକୁ ପ୍ରିପେଡ୍ ସ୍ମାର୍ଟ ମିଟର ପ୍ରଚଳନ ନିଷ୍ପତ୍ତି

# 'ପ୍ରଥମେ ସରକାରୀ ସ୍ତରରେ ଲାଗୁ ହେଉ'

ଓଡ଼ଗାଁ, ୨୧।୮(ସ୍ୱ.ପ୍ର.)

ସମ୍ପ୍ରତି ରାଜ୍ୟରେ ବିଦ୍ୟୁତ୍ ଚୋରି ରୋକିବାକୁ ରାଜ୍ୟ ଶକ୍ତି ମନ୍ତ୍ରୀ ପ୍ରିପେଡ୍ ସ୍ମାର୍ଟ ମିଟର ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ଲକ୍ଷାଧିକ କୋଠଘର, କ୍ଲବ ଘର, ସରକାରୀ ଦପ୍ତର, କ୍ୱାର୍ଟର୍ସ ଓ ଛୋଟବଡ କଳକାରଖାନା ହୁକିଂରେ ଚାଲୁଥିବା ଜଣାଯାଇଛି। ଏସବୁ ସ୍ଥାନରେ ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବହାର ହେଉଥିବା ବେଳେ ରାଜନୈତିକ ଚାପ କାରଣରୁ ବିଭାଗୀୟ ଅଧିକାରୀମାନେ ଏସବୁ ବେଆଇନ ଗ୍ରାହକଙ୍କ ଘରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏହା ବ୍ୟତୀତ ବିଭିନ୍ନ କଳକାରଖାନା ଓ ମିଲ୍‌ମାନଙ୍କୁ ସରକାରଙ୍କ ଅଯଥା ଅନୁକମ୍ପା ମଧ୍ୟ ବିଦ୍ୟୁତ୍ ଅପବ୍ୟବହାରର ଅନ୍ୟ ଏକ କାରଣ। ପ୍ରିପେଡ୍ ସ୍ମାର୍ଟ ମିଟର ପ୍ରଚଳନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେତେକ କହୁଥିବା ବେଳେ ସରକାର ଆଗାମୀ ଦିନମାନଙ୍କରେ ଅନ୍‌ଗ୍ରୀଡ କିମ୍ବା ଅଫ୍ ଗ୍ରୀଡ ସୋଲାର ସିଷ୍ଟମକୁ ପ୍ରଚଳନ କରିବାକୁ ଆବଶ୍ୟକ ସଚେତନତା କିମ୍ବା ପ୍ରୋତ୍ସାହନ ଦେବା ଆବଶ୍ୟକତା ରହିଛି । ଏହାଦ୍ୱାରା ରାଜ୍ୟର ବହୁ ଗ୍ରାହକ ବିଦ୍ୟୁତ୍ ସଙ୍କଟରୁ ମୁକ୍ତି ପାଇବା ସହିତ ଜିରୋ ବିଦ୍ୟୁତ୍ ବିଲ୍ ହାସଲ କରିପାରିବେ। ଏ ନେଇ ଧରିତ୍ରୀ ତରଫରୁ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନିଆଯାଇଥିଲା। ଅଧିକାଂଶ ପ୍ରିପେଡ ମିଟର ବ୍ୟବସ୍ଥା ପ୍ରଥମେ ସରକାରୀ ସ୍ତରରେ ଆରମ୍ଭ ହେଉ ମତ ଦେଇଥିଲେ।

### କ'ଣ କହନ୍ତି ଏମାନେ...



◆ପ୍ରଥମେ ବିଦ୍ୟୁତ୍ ଚୋରି ବନ୍ଦ କରିବାକୁ ଉଦ୍ୟମ କରାଯାଉ। କେବଳ ମଳି ମୁଣ୍ଡିଆଙ୍କ ଉପରେ ଏହାକୁ ନ୍ୟସ୍ତ ନ କରି ସରକାରୀ ସ୍ତରରେ ଆରମ୍ଭ ହେଉ । ଅନ୍‌ଗ୍ରୀଡ ହେଉ ବା ଅଫ୍‌ଗ୍ରୀଡ ସୋଲାର ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

– କୃଷ୍ଣମୂର୍ତ୍ତି ଦୋରା, ସାମାଜିକ କର୍ମୀ, କୁରାଳ



◆ପ୍ରିପେଡ ମିଟରକୁ ସ୍ୱାଗତ । କିନ୍ତୁ ଏହିଭଳି ମିଟର ପ୍ରଥମେ ସରକାରୀ ଦପ୍ତର, କ୍ୱାର୍ଟର୍ସ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ରାଜନୈତିକ ସଭାସମିତିରେ ଲାଗୁ କରାଯାଉ।

– ରବୀନ୍ଦ୍ର କୁମାର ପଟ୍ଟନାୟକ, ଗ୍ରାହକ ସେବାକେନ୍ଦ୍ର ପରିଚାଳକ, ଓଡ଼ଗାଁ



◆ସରକାରଙ୍କ ପ୍ରିପେଡ୍ ମିଟର ଭଳି ଅଭିନବ ପ୍ରକଳ୍ପ ସ୍ୱାଗତଯୋଗ୍ୟ । ବିଦ୍ୟୁତ୍ ଚୋରି ରୋକିବାରେ ଏହା ଏକ ଭଲ ପଦକ୍ଷେପ। ହେଲେ ପ୍ରଥମେ ସରକାର ସମସ୍ତ ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଚିହ୍ନଟ କରିବାରେ ସଫଳ ହୁଅନ୍ତୁ। କାରଣ ବିଦ୍ୟୁତ୍ ଗ୍ରାହକଙ୍କଠାରୁ ହୁକିଂରେ ବିଦ୍ୟୁତ୍ ବ୍ୟବହାରକାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ପ୍ରଥମେ ସରକାରୀ ସ୍ତରରେ ପ୍ରିପେଡ୍ ମିଟରକୁ ଲାଗୁ କରି ଉଦାହରଣ ସୃଷ୍ଟି କରାଯାଉ ।

– ସ୍ୱରୂପ ମିଶ୍ର, ସାମାଜିକ କର୍ମୀ, ଓଡ଼ଗାଁ



◆ଅଦ୍ୟାବଧି ଲାଗିଥିବା ମିଟର ଓ ବ୍ୟବହାର ସମ୍ପର୍କରେ ଲୋକେ ଅଜଣା ରହିଥିବା ବେଳେ ସ୍ମାର୍ଟ ମିଟର ଗାଁ ଗହଳିର ଲୋକମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ ନିଆରା ହେବ। ରାତି ଅଧରେ ବିଦ୍ୟୁତ୍ କଟିଲେ ଆଦୌ ରିଚାର୍ଜ ସମ୍ପର୍କରେ ଜାଣି ନ ଥିବା ଲୋକଟିଏ ରାତିରେ ରିଚାର୍ଜ କରି ନ ପାରି ଅସୁବିଧାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ପ୍ରିପେଡ ମିଟର ଲାଗୁ ହେବା ପରେ ବହୁ କର୍ମଚାରୀ ଛଟେଇ ହେବାର ସମ୍ଭାବନା ରହିଥିବା ବେଳେ ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇବ।

– ସର୍ବେଶ୍ୱର ସ୍ୱାଇଁ, ପରିଚାଳକ, ଇଲର୍ନିଂ କମ୍ପ୍ୟୁଟର, ଓଡ଼ଗାଁ



◆ଘରୋଇ ଉପଭୋକ୍ତାଙ୍କୁ ଏହାର ସୁବିଧା ମିଳିପାରେ, ହେଲେ ବ୍ୟବସାୟୀଙ୍କୁ ଏହାର ସୁଫଳ ମିଳି ନ ପାରେ । ମୋବାଇଲ ରିଚାର୍ଜ ଭଳି ବିଭିନ୍ନ ପ୍ଲାନ୍ କରାଗଲେ ହୁଏତ ଲୋକେ ଏହାର ସୁଫଳ ପାଇପାରିବେ । ତଥାପି ପ୍ରଥମେ ବିଦ୍ୟୁତ୍ ଚୋରି ରୋକିବାକୁ ବିଭାଗୀୟ ପଦକ୍ଷେପ ନିଆଯାଉ।

– ନରେନ୍ଦ୍ର କୁମାର ତ୍ରିପାଠୀ, କ୍ଷୁଦ୍ର ବ୍ୟବସାୟୀ, ଓଡ଼ଗାଁ